## କଣାସ ଅଞ୍ଚଳରେ ଝାଡ଼ା ବାନ୍ତି ଆରମ୍ଭ

# ଗତବର୍ଷ ଗଡ଼ିଥିଲା ୭ ମୁଣ୍ଡ

କଣାସ,୧୩।୨(ସମିସ)




ଦୟା, ରାଜୁଆ ଓ ମକରା ନଦୀର ପ୍ରଦୂଷିତ ଜଳ ବ୍ୟବହାର କରି କଣାସ ବ୍ଲକର ନୂଆଗାଁ ନଈକୂଳପାଟଣା, ଗଡ଼ିଶାଗୋଦା, ଜାଗୁଲେଇପଦର, କଳାପଦାର, ଗୋପୀନାଥପୁର ଗ୍ରାମରେ ୨୦୨୫ ମସିହାରେ ଝାଡ଼ାବାନ୍ତି ଲାଗିରହି ୭ଜଣ ମୃତ୍ୟୁ ବରଣ କରିଥିବାବେଳେ ଜିଲ୍ଲା ଓ ରାଜ୍ୟ ପ୍ରଶାସନର ଚିନ୍ତାର କାରଣ ହୋଇପଡ଼ିଥିଲା। ପାନୀୟ ଜଳ ଅଭାବ ଯୋଗୁ ପୁନଃଛ ନୂଆଗାଁ ଗ୍ରାମରେ ୫ ଦିନ ହେଲା ଝାଡାବାନ୍ତି ଲାଗିରହିଛି। ଆଜି ନୂଆଗାଁ ଗ୍ରାମର ପଦ୍ମନୀ ସାହୁ ୫୦ ବର୍ଷ, କନକ ଦଳାଇ ୬୫ ବର୍ଷ, କଉଡ଼ିଖଣି ଗ୍ରାମର ଗାଣ୍ଡୁ ବେହେରା ୬୦ବର୍ଷ, ବିଲପାଟଣା ଗ୍ରାମର ସୁକାନ୍ତ ଭୋଇ, ବାଙ୍କତଳର ଗ୍ରାମର ସତ୍ୟପ୍ରିୟ, ଦେଠିଆପଡ଼ା ଗ୍ରାମର ଧୋବୀ ମହାପାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଅନେକ ଲୋକ ପାଖ ଆଖରୁ ଔଷଧ ଖାଇବାରେ ଲାଗିଛନ୍ତି, ପାନୀୟ ଜଳ ଅଭାବ ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ନୂଆଗାଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ବର୍ଷ ମୃତ୍ୟୁ ବରଣ କରିଥିବା ୭ଜଣ ଲୋକଙ୍କୁ କ୍ଷତିପୂରଣ ଦେବା ପାଇଁ ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ମାନବ ଅଧିକାରଙ୍କ ନିକଟରେ ଅଭିଯୋଗ କରିଥିଲେ।

## ୱାଲ୍ କାମ ନିମ୍ନମାନର ଅଭିଯୋଗ



ନୟାହାଟ,୧୩।୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବାହାରଣା ଜଳସେଚନ ବିଭାଗ ସେକ୍ସନ ଅଧୀନରେ ଥିବା ବଣହରା ମାଇନର କେନାଲ ମଧ୍ୟରେ ୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ୱାଲ୍ କାମ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଷ୍ଟିମେଣ୍ଟ ଅନୁଯାୟୀ କାମ ହେଉନଥିବା ବେଳେ ୮ଏମ୍ଏମ୍ ରଡ୍‌ରେ କାର୍ଯ୍ୟ ହେବାକଥା। ସେଠାରେ ୬ଏମ୍ଏମ୍ ରଡ୍ ଦ୍ୱାରା କାମ କରାଯାଇଛି। ତଳୁ ଯେଉଁ ଲେବୁଲରେ ଖୋଳା ଯିବା କଥା ତାହା କରାଯାଇ ନାହିଁ। ଏ ସମ୍ପର୍କରେ ଯନ୍ତ୍ରୀ ଲମ୍ବୋଦର ପାଢ଼ୀଙ୍କୁ ପଚାରିବାରେ ସେ କହିଥିଲେ ଘଟଣାର ତଦନ୍ତ ହେବ।

## ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ କିଶୋରୀ ମେଳା



ସାକ୍ଷୀଗୋପାଳ,୧୩।୨(ସମିସ): ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ "କିଶୋରୀ ମେଳା' ଆଜି ମୂଳ ଅଳସା ଉଚ୍ଚ ବିଦ୍ୟାଳୟ, ଅଳଗୁମ ପଞ୍ଚାୟତ କାର୍ଯ୍ୟାଳୟ ଓ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟ ପ୍ରମୁଖ ତିନୋଟି ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରିଣୀ ରାଜଲକ୍ଷ୍ମୀ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟୂନ ୩୦୦ରୁ ଊର୍ଦ୍ଧ୍ୱ କିଶୋରୀ ବାଳିକା ଅଂଶ ଗ୍ରହଣ କରିଥିଲେ। ମେଳାରେ ଅଂଶ ଗ୍ରହଣ କରିଥିବା କିଶୋରୀ ବାଳିକାଙ୍କ ମଧ୍ୟରେ ପ୍ରତିଭା ବିକାଶ ନିମନ୍ତେ ପ୍ରଥମେ ଝୋଟି, ଦୌଡ଼ି ଡିଆଁ, ପୁଚି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀ ବାଳିକାଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବାଲ୍ୟ ବିବାହ ରୋକିବା, ମୃତ୍ୟୁହାର ଏବଂ ରୋଗ ହ୍ରାସ, କୁପୋଷଣ ହାର ହ୍ରାସ, ସାମଗ୍ରିକ ବିକାଶ ଅର୍ଥାତ ସେମାନଙ୍କ ଉପଯୁକ୍ତ ମାନସିକ ଶାରୀରିକ ଏବଂ ସାମାଜିକ ବିକାଶ ପାଇଁ ଅନୁକୂଳ ମୂଳଦୁଆ ସ୍ଥାପନ କରିବା, ପ୍ରାରମ୍ଭିକ ଓ ଶୈଶବ ଶିକ୍ଷା, ଡ୍ରପ୍ଆଉଟ ରୋକିବା ସହ ଗୀତ ନାଚ ଓ ଶିକ୍ଷା ମାଧ୍ୟମରେ ମା'ଓ ପିଲା ମାନଙ୍କର ସ୍ୱାଭାବିକ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ ଅଂଶ ଗ୍ରହଣ କରିଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସୁପାରିଶ ସେବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି ସୁପରଭାଇଜର ମିତା ବେହେରା, ସୁଶ୍ରୀ ସଂଗୀତା ସାମନ୍ତରାୟ, ବିରଜା ଲକ୍ଷ୍ମୀ ମହାନ୍ତିଙ୍କ ସହ ପଞ୍ଚାୟତ ମେମ୍ବର, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଯୋଗ ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମ ଦ୍ୱାରା କିଶୋରୀମାନେ ପରସ୍ପରଠାରୁ ଅନେକ କିଛି ଶିଖିବା ସହ ଦୃଢ଼ ଆତ୍ମବିଶ୍ୱାସ ସହିତ ନିଜକୁ ସୁରକ୍ଷିତ ରଖିବା ଏବଂ ନିଜର ଆର୍ଥିକ ଭବିଷ୍ୟତ ଗଠନ କରିବା ପାଇଁ ପ୍ରେରଣା ପାଇଥାନ୍ତି ବୋଲି କାର୍ଯ୍ୟକ୍ରମ ମୁଖ୍ୟ ରାଜଲକ୍ଷ୍ମୀ ଦାସ ପ୍ରକାଶ କରିଛନ୍ତି।

## ଚୋରା ମଦ ଜବତ, ଜଣେ ଗିରଫ

ଚାରିଛକ,୧୩।୨(ସମିସ): ଚାରିଛକ ପୁଲିସ ଆଜି ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ତା' ନିକଟରୁ ୭ଲିଟର ଚୋରା ମଦ ଜବତ କରିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ ଚାରିଛକ ଥାନା ଏଏସ୍ଆଇ ବୁଦ୍ଧୁରାମ ମୁର୍ମୁ ଟିମ ସହ ପାଟ୍ରୋଲିଂ କରୁଥିବା ସମୟରେ ଆମ୍ପୋର ଛକରେ ଚୋରା ମଦ ବିକ୍ରି ହେଉଥିବା ସୂଚନା ପାଇ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ଚୋରା ମଦ ବିକ୍ରି କରୁଥିବା ଆମ୍ପୋର ଗ୍ରାମର ପ୍ରତାପ କୁମାର ଦାସଙ୍କୁ ଗିରଫ କରିବା ସହ ତା' ନିକଟରୁ ୭ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ପୁଲିସ ପ୍ରତାପ ବିରୋଧରେ ୨୬/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି।

## 'ଛାତ୍ରଛାତ୍ରୀଙ୍କୁ ଅଞ୍ଚଳର ଇତିହାସ ସମ୍ପର୍କରେ ଶିକ୍ଷାଦେବା ଉଚିତ୍'




ଡେଲାଙ୍ଗ,୧୩।୨(ସମିସ): ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଆଧାରରେ ଶିକ୍ଷାଦାନ ଦେବା ସହିତ ସ୍ଥାନୀୟ ଅଞ୍ଚଳର ଇତିହାସ ସମ୍ପର୍କରେ ଶିକ୍ଷାଦେବାର ଆବଶ୍ୟକତା ରହିଛି। ଏହା ସହିତ ସ୍ଥାନୀୟ ଅଞ୍ଚଳର ଭୌଗୋଳିକ ସ୍ଥିତି ସମ୍ପର୍କରେ ମଧ ଶିକ୍ଷାଦାନ ଦେଲେ ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ପିଏମଶ୍ରୀ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ଉତ୍ସବ ସମାବେଶରେ ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ସଂଲଗ୍ନ ବ୍ରହ୍ମେଶ୍ୱର ପୁଷ୍କରିଣୀର ପୂର୍ବ ପାଶ୍ୱର୍ରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଗାର୍ଡ ୱାଲ୍, କ୍ରୀଡ଼ା କ୍ଷେତ୍ରରେ ଅଭିବୃଦ୍ଧି ନିମନ୍ତେ ସିନ୍ଥେଟିକ୍ ମ୍ୟାଟ୍ ବ୍ୟବସ୍ଥା, ବିଦ୍ୟାଳୟରେ ସଭାଗୃହ ନିର୍ମାଣ, ବିଦ୍ୟାଳୟକୁ ଗାନ୍ଧୀପୀଠ ସହିତ ସଂଯୋଗ କରିବା ପାଇଁ ପୁଷ୍କରିଣୀ ଉପରେ ଏକ ଝୁଲାପୋଲ ନିର୍ମାଣ କରାଯାଇ ରଙ୍ଗ ବେରଙ୍ଗ ଆଲୋକମାଳାରେ ପୀଠକୁ ଆକର୍ଷଣୀୟ କରାଯିବ ବୋଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ କାମିନୀପ୍ରଭା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, ସଭାନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ, ସିଆର୍‌ସିସି ପବିତ୍ର ପଣ୍ଡା, ପଞ୍ଚ ଶିକ୍ଷା ସେତୁ ଯୋଜନା ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ଏବିଇଓ ଲକ୍ଷ୍ମଣ ପ୍ରଧାନ, ସଂଯୁକ୍ତା ମିଶ୍ର, ପରିଚାଳନା କମିଟି ସଭାପତି ସନ୍ତୋଷ ବିଶ୍ୱାଳ, ପ୍ରାକ୍ତନ ବାୟୁସେନା ଅଧିକାରୀ ରମେଶ ମହାପାତ୍ର, ଶିକ୍ଷକ ଉମେଶ ଦାଶ, ହୃଷୀକେଶ ବଳିୟାରସିଂହ, ସୂର୍ଯ୍ୟନାରାୟଣ ଜେନା, ନଟବର ସେଠୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ଓ ଗାନ୍ଧୀପୀଠର ବିକାଶ କ୍ଷେତ୍ରରେ ଆଲୋକପାତ କରିଥିଲେ। ଶିକ୍ଷକ ତୁଷାରକାନ୍ତି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆର୍‌ସିସି ସୁଦୀପ୍ତ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ପ୍ରମୋଦ ପଣ୍ଡା, ଦିଲ୍ଲୀପ ରାଉତରାୟ, ଶିକ୍ଷୟିତ୍ରୀ ଜ୍ୟୋତିପ୍ରିୟା ସାହୁ, ବନିତା ସାହୁ, ଅର୍ଚ୍ଚନା ଛୋଟରାୟ, ରୋଜିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



କୃଷ୍ଣପ୍ରସାଦ,୧୩।୨(ସମିସ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ବଜ୍ରକୋଟଠାରେ ମା' ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ସପ୍ତଦଶ ବାର୍ଷିକ ଉତ୍ସବରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ରାମଚନ୍ଦ୍ର ବୈରୀଗଞ୍ଜନ ସଭାପତିତ୍ୱ କରିଥିଲେ। ମାନସିଂହ ସାହିତ୍ୟ ସଂସଦର ସଭାପତି ଶିକ୍ଷାବିତ ବିଷ୍ଣୁ ପ୍ରସାଦ ଦଳେଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ସୈନିକ ଦୀପକ କୁମାର ଜେନା କୁନି କୁନି ପିଲା ମାନେ ହେଉଛନ୍ତି ଦେଶର ଭବିଷ୍ୟତ ଶିଶୁ ମନ୍ଦିରରେ ସେମାନେ ନିଜକୁ ଭଲ ମଣିଷ ଭାବେ ଗଢ଼ି ତୋଳିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ବିକାଶର ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶୋଇ ଯୋଗଦେଇ ଉତ୍ତମ ଶିକ୍ଷା ଅର୍ଜନ କରି ଦେଶ ଜାତିର ମାନ ରଖିବା ପାଇଁ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଥୁରା ମଠାଧୀଶ ସୁନ୍ଦର ରାମଦାସ ମହାରାଜ, ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼, ସଦାନନ୍ଦ ଗୌଡ଼, ପୂର୍ବତନ ସରପଞ୍ଚ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷ୍ୟାର୍ଥୀମାନେ ଗୀତ, ନାଚ, ଆଦି କଳା ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ମାନପତ୍ର, କପ୍, ସିଲ୍ ଆଦି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଶିଶୁମନ୍ଦିରରେ ବହୁ କୃତୀ ଶିକ୍ଷାର୍ଥୀ ରାଜ୍ୟର ବହୁ ଉଚ୍ଚ ପଦ ପଦବୀରେ କାର୍ଯ୍ୟରତ ଥିବାରୁ ବିଦ୍ୟାଳୟ ବହୁ ପ୍ରଶଂସା ସାଉଁଟି ଥିଲା। ଯୁବ ପ୍ରବଚକ ପ୍ରଶାନ୍ତ କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ଏକଲବ୍ୟ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ନିମାପଡ଼ା,୧୩।୨(ସମିସ): ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ୱେଲଫେୟାର ଅର୍ଗାନାଇଜେସନର ଅଷ୍ଟମ ବାର୍ଷିକ ଉତ୍ସବ ଓ ରାଜ୍ୟସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହାୟତାରେ ନିର୍ମିତ ଏକ ନୂତନ ଅନୁଷ୍ଠାନ "ସଖୀ ନିବାସ'କୁ ଗତକାଲି ସନ୍ଧ୍ୟା ସମୟରେ ଉପମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ମୁଖ୍ୟଅତିଥି ଭାବେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ସଖୀ ନିବାସଟି କେବଳ ମହିଳା କର୍ମଜୀବୀଙ୍କ ରହିବା ପାଇଁ ବ୍ୟବହୃତ ହେବବୋଲି କହିଥିଲେ। ଏହି ଅବସରରେ ପିପିଡବ୍ଲୁଓ ପରିଚାଳିତ ଏକଲବ୍ୟ ଶିକ୍ଷାନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ ଶିକ୍ଷାର ବିକାଶରେ ଦେଶର ବିକାଶ ହେବ, ଶିକ୍ଷା ଜୀବନର ମାନଦଣ୍ଡ ଓ ସମାଜ ଗଠନରେ ପ୍ରମୁଖ ଭୂମିକା ନେଇଛି ବୋଲି ଶ୍ରୀମତୀ ପରିଡ଼ା ବକ୍ତବ୍ୟ ରଖିଥିଲେ। ପିପିଡବ୍ଲୁଓର ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜିତେନ୍ଦ୍ର ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ମୀନଲତା ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ମହାନ୍ତି, ଶିକ୍ଷାବିତ୍ ଡ.ପ୍ରଭାତ ଚନ୍ଦ୍ର ମିଶ୍ର, ଲିଙ୍ଗରାଜ ପ୍ରଧାନ, ପ୍ରଭାତ ବେହେରା, ଜନ୍ମେଜୟ ସ୍ୱାଇଁ ଯୋଗଦେଇ ସମସ୍ତଙ୍କ ସହଯୋଗରେ ଅନୁଷ୍ଠାନର ଉନ୍ନତି ହୋଇପାରିବ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଇକ୍ ସହ ପାଣିରେ ପଡ଼ି ଯୁବକ ମୃତ

ବ୍ରହ୍ମଗିରି,୧୩।୨(ସମିସ): ପୁରୀ ସାତପଡ଼ା ଜାତୀୟ ରାଜପଥ ହଳଦିଆ ଛକ ନିକଟରେ ରାସ୍ତା ପାଶ୍ୱର୍ରେ ଗାଡ଼ି ସହ ପାଣିରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ବିଳମ୍ବିତ ରାତିରେ ଆମ୍ବପଦା ଗାଁ ନିକଟରେ ବାଇକରେ ପୁରୀ ଯାଉଥିବା ବେଳେ ଦୁର୍ଘଟଣା ଘଟାଇ ପାଣିରେ ପଡ଼ିଯାଇଥିଲେ। ସକାଳୁ ସ୍ଥାନୀୟ ଲୋକେ ଦେଖି ବ୍ରହ୍ମଗିରି ଦମକଳ ବାହିନୀକୁ ଖବର ଦେଇ ଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲେ। ତାଙ୍କ ଘର ପୁରୀ ହାଡ଼ଗଡିଆ ସାହିରେ ଓ ତାଙ୍କ ନାମ ସୁରଜ ଭୋଇ ବୋଲି ଜଣାପଡ଼ିଛି।

# ୪ ବାଇକ୍ ଜବତ, ୨ ଲୁଟେରା ଗିରଫ




ବ୍ରହ୍ମଗିରି,୧୩।୨(ସମିସ): ଶୁକ୍ରବାର ବ୍ରହ୍ମଗିରି ଥାନା ଅଞ୍ଚଳରୁ ୪ଟି ଚୋରା ବାଇକ ଜବତ କରାଯିବା ସହିତ ବ୍ରହ୍ମଗିରି ପୁଲିସ ଦୁଇ ଜଣ ଗାଡ଼ି ଚୋରଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ବ୍ରହ୍ମଗିରି ଅଞ୍ଚଳରେ ଗାଡ଼ି ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବାବେଳେ ପୁଲିସର ପାରିବା ପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୮ ତାରିଖରେ ସନାତନ ପଲାଇ ବ୍ରହ୍ମଗିରି ଗୋପ ଛକ ଠାରେ ଗାଡ଼ି ରଖି ଦୋକାନରୁ କିଛି କିଣାକିଣି କରୁଥିଲେ।

ସେଠାରୁ ଫେରି ଦେଖିଲେ ତାଙ୍କ ଗାଡ଼ି ନାହିଁ। ସେ ଏ ନେଇ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିବାରୁ ଗୁରୁବାର ରାତିରେ ପୁଲିସ ଚଢ଼ଉ କରି ମଣପଡ଼ା ପଞ୍ଚାୟତ ବିଦୁରବାଙ୍କ ଗ୍ରାମର ସୁମନ୍ତ ପ୍ରଧାନ ଘରେ ଚଢ଼ଉ କରି ତା' ଘରୁ ତିନୋଟି ବାଇକ ଜବତ କରିଥିଲା। ସେଥିମଧ୍ୟରୁ ଗୋଟିଏ ବାଇକ୍‌ର ପାର୍ଟସ ଖୋଲା ଯାଇ ଅନ୍ୟତ୍ର ବିକ୍ରି କରାଯାଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ପୁଲିସ ସେହି ପାର୍ଟସଗୁଡିକୁ ବିଭିନ୍ନ ଜାଗାରୁ ଜବତ କରିଥିବା ବେଳେ ପାର୍ଟସ ରଖିଥିବା ଦୋକାନୀଙ୍କୁ ଗିରଫ କରିନାହିଁ। ସେହି ଗାଡ଼ି ଚୋର ସହିତ ସାମିଲ ଥିବା ବେଣ୍ଟପୁର ପଞ୍ଚାୟତ ଖିଲକଣ୍ଠିଆ ଗ୍ରାମର କାଳୁ ଭୋଇକୁ ଗିରଫ କରି ତା' ଠାରୁ ଏକ ବେନାମୀ କମ୍ପାନୀ ଗାଡ଼ି ଜବତ କରିଛି। ଏମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ଥିବା ତଦନ୍ତକାରୀ ପୁଲିସ ଅଧିକାରୀ ପ୍ରଫୁଲ କୁମାର ନାୟକ ସୂଚନା ଦେଇଛନ୍ତି।

## ନାଚୁଣୀ କଲେଜରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ




ଚିଲିକା,୧୩।୨(ସମିସ): ଆଜି ନାଚୁଣୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅଧକ୍ଷ ଡଃ. ସୁନୀଲ କୁମାର ପଟ୍ଟନାୟକଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଚୁଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଶେଖର ଜେନା ଉପସ୍ଥିତ ରହି ପ୍ରଥମ ବର୍ଷ ସ୍ନାତକ ଛାତ୍ରୀଙ୍କୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ସାହାସର ସହିତ ମୁକାବିଲା କରିବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଶୁଭ୍ର ଜ୍ୟୋତ୍ସ୍ନା ବିଶ୍ୱାଳ ୮ ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସହ-ସମ୍ପାଦିକା ଅଧ୍ୟାପିକା ଲିପ୍ସାରାଣୀ ବେହେରା ଏବଂ ଆତ୍ମସୁରକ୍ଷା କ୍ଲବର ସଦସ୍ୟ ଅଧ୍ୟାପିକା ଚେତନା ଚଇଁତା ଚମ୍ପତିରାୟ, ଛାତ୍ରୀ ଶୁଭସ୍ମିତା ନାୟକ ଓ ଚିନ୍ମୟୀ ବରାଳ ପ୍ରମୁଖ ସହଯୋଗ କରିଥିଲେ। ଲେଫ୍ଟନାଣ୍ଟ ମିଲି ବେହେରା ଛାତ୍ରୀଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ବିଷୟରେ ଶିଖାଇଥିଲେ। ପରିଶେଷରେ ଅଧ୍ୟାପିକା ଡଃ. ସି. ମଞ୍ଜୁଲତା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କାନାରା ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ପିପିଲି,୧୩।୨(ସମିସ): ପିପିଲି ତେଇଶିପୁରଠାରେ ଥିବା କାନାରା ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ସେଖ ରିଜୱାନ ସିରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସର୍କଲର ମହାପ୍ରବନ୍ଧକ ସୁମନ ଚକ୍ରବର୍ତ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ ସାଇବର ଠକମାନଙ୍କୁ ଠାରୁ ଟିକିଏ ସଚେତନତା ଅବଲମ୍ବନ କଲେ ନିଶ୍ଚିତ ଭାବରେ ଠକେଇରୁ ମୁକ୍ତି ପାଇ ପାରିବେ। ଅନ୍ୟତମ ଅତିଥି ଭାବେ ସହକାରୀ ଆଞ୍ଚଳିକ ପ୍ରବନ୍ଧକ କେ ସୁନିତା ଯୋଗଦେଇ ମହିଳାମାନେ ଆଜି ଘରୁ ଗୋଡ଼ କାଢି ନିଜକୁ ସ୍ୱାବଲମ୍ବୀ କରାଇବା ସହିତ ନିଜ ପରିବାର ମୁହଁରେ ଆର୍ଥିକ କ୍ଷେତ୍ରରେ ହସ ଫୁଟାଇ ପାରିଛନ୍ତି। ଅନ୍ୟତମ ଅତିଥି ଭାବରେ ତେଇଶିପୁର ସରପଞ୍ଚ ରଶ୍ମିତା ସେନାପତି ଯୋଗଦେଇ ଆଜି ବ୍ୟାଙ୍କର ସହାୟତାରେ ତେଇଶିପୁର ପଞ୍ଚାୟତର ମା'ମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବୋଲି କହିଥିଲେ। ତେଇଶିପୁର ସରକାରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ଯୋଗଦେଇ ସରକାରଙ୍କ ବ୍ୟାଙ୍କ ମାଧ୍ୟମରେ ଯୋଗାଉଥିବା ସମସ୍ତ ଯୋଜନା କୁ ମହିଳାମାନେ ନିଜ ପାଇଁ ବ୍ୟବହାର କରି କାର୍ଯ୍ୟକରେ ଲଗାଇବା ପାଇଁ କହିଥିଲେ। ଏହି ଅବସରରେ ଲଙ୍କେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ କୃଷି ଉଦ୍ୟୋଗ ପାଇଁ ୧୨ ଲକ୍ଷ ଟଙ୍କାର ଆର୍ଥିକ ଋଣ ପ୍ରଦାନ କରାଯାଇଥିଲା। ଯାହାକୁ ନେଇ ସେମାନେ ରୋଜଗାରକ୍ଷମ ହୋଇ ପାରିବେ। ଏହି କାର୍ଯ୍ୟକ୍ରମରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ମହିଳା ସ୍ୱୟ ସହାୟକ ଗୋଷ୍ଠିର ମହିଳାମାନେ ଯୋଗ ଦେଇଥିଲେ। ଶେଷରେ ବ୍ୟାଙ୍କର ଉପଶାଖା ପ୍ରବନ୍ଧକ ଭାସ୍କର କର ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାୟା ବିଧାନସଭା

ପିପିଲି,୧୩।୨(ସମିସ): ଏହି ବ୍ଲକ୍ ଅନ୍ତର୍ଗତ ପିଏମ୍ ଶ୍ରୀ ହାଟସାହି ପଞ୍ଚାୟତ ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାୟା ବିଧାନ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଧାନ ସଭା ଉପରେ ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ୟକ ଧାରଣା ଆଣିବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ପକ୍ଷରୁ ଏହା ଆରମ୍ଭ ହୋଇଯାଇଥିଲା। ଏହି କାର୍ଯ୍ୟକ୍ରମଟି ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀସଂଗୀତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଠିକ ବିଧାନସଭା ପରି ଏକ ପରିବେଶ ତିଆରି କରାଯାଇ ପିଲାମାନଙ୍କ ମଧ୍ୟରେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ବିଧାୟକ ବସି ସେମାନଙ୍କ ତର୍କ ବିତର୍କର ଅଭିନୟରେ ସାମିଲ ହୋଇଥିଲେ। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ହାଟସାହି ସରପଞ୍ଚ ଗଣେଶ ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ଶରତ ରଥ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହଲ୍ଲାଦ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ ଏହି ବିଧାନସଭା କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ଜ୍ୱାଇଁଙ୍କୁ ଅପହରଣ କଲେ ଶଶୁର; ଥାନାରେ ଏତଲାଦେଲେ ଝିଅ

କଣାସ,୧୩।୨(ସମିସ)



କଣାସ ବ୍ଲକ୍ କୋଟକଣା ଛକ ନିକଟରେ ଭଡ଼ା ଘରେ ରହୁଥିବା କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା କରୁକୁଡୁପା ଗ୍ରାମର ଶିବରା ଦିଗାଲଙ୍କ ପୁଅ ଫିଲିମନ ଦିଗାଲକୁ ତିନି ଦିନ ତଳେ କୃଷ୍ଣପ୍ରସାଦ ଥାନା ଖଳାମ ଗ୍ରାମର ତାଙ୍କ ଶଶୁର ମୋହନ ବେହେରା ଅପହରଣ କରିନେଇଥିବା ମୋହନ ବେହେରାଙ୍କ ଝିଅ ତଥା ଫିଲିମନ ଦିଗାଲ ସ୍ତ୍ରୀ ଝାନ୍ସୀ ବେହେରା ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଝାନ୍ସୀ ବେହେରା କନ୍ଧମାଳ ଠାରେ ଚାକିରି କରିଥିବା ସମୟରେ ଫିଲିମନ ସହିତ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ଉଭୟ ବିବାହ କରିଥିଲେ। ଝାନ୍ସୀଙ୍କର କନ୍ଧମାଳରୁ ପୁରୀ ଜିଲ୍ଲା କଣାସ ବ୍ଲକ ଆଳିବାଡ଼ ପୋଷ୍ଟ ଅଫିସଙ୍କୁ ବଦଳି ହେବାରୁ ଝାନ୍ସୀ ଓ ଫିଲିମନ କୋଟକଣା ଛକଠାରେ ଭଡ଼ା ଘରେ ରହୁଥିଲେ। ତିନିଦିନ ତଳେ ଝାନ୍ସୀଙ୍କ ବାପା ମୋହନ ବେହେରା ଜ୍ୱାଇଁ ଓ ଝିଅ ରହୁଥିବା ଭଡ଼ା ଘରେ ପହଞ୍ଚି ଜ୍ୱାଇଁ ଫିଲିମନଙ୍କୁ ବଜାରକୁ ଯିବା ପାଇଁ କହିଥିଲେ। ଜ୍ୱାଇଁ ଓ ଶଶୁର ମଟର ସାଇକଲ ଯୋଗେ ଯିବାବେଳେ ନିଛାଟିଆ ଜାଗାରେ ଶଶୁର ମୋହନ ଝାଡ଼ା ଲାଗୁଛି କହି ଗାଡ଼ିରୁ ଓହ୍ଲାଇ କେଉଁ ଆଡ଼େ ପଳାଇଥିଲେ। ଜ୍ୱାଇଁ ଫିଲିମନ ଏକୁଟିଆ ଠିଆ ହୋଇଥିବା ବେଳେ ୪ରୁ ୫ଜଣ ଯୁବକ ଫିଲିମନ ନିକଟରେ ପହଞ୍ଚି ଟେକି ନେଇଥିଲେ। ଏହି ସମୟରେ ଫିଲିମନ ସ୍ତ୍ରୀ ଝାନ୍ସୀଙ୍କୁ ଫୋନ୍ କରି ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରିଥିଲେ। ଏ ନେଇ ଝାନ୍ସୀ ଗଡ଼ିଶାଗୋଦା ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇ ସ୍ୱାମୀକୁ ଉଦ୍ଧାର କରିବା ପାଇଁ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ଥାନା ଅଧିକାରୀ ବର୍ତ୍ତମାନ ସୁଦ୍ଧା ଫିଲିମନର କୌଣସି ସନ୍ଧାନ ପାଇନଥିବା ଜଣାପଡ଼ିଛି। ଆଜି କନ୍ଧମାଳ ଜିଲ୍ଲାରୁ ୨୦ ଊର୍ଦ୍ଧ୍ୱ ବ୍ୟକ୍ତି ଆସି ଫିଲିମନ ନିଖୋଜ ଥିବା ସମ୍ପର୍କରେ ଗଡ଼ିଶାଗୋଦାରେ ଥାନାରେ ଅଭିଯୋଗ କରି ଉଦ୍ଧାର ପାଇଁ ନିବେଦନ କରିଛନ୍ତି।

୧୩/୨/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୬,୭୪୮/- ସୁନା:୦୫.୩୦୦ ଗ୍ରାମ୍ ରୁପା: ୮୧.୧୦୦ ଗ୍ରାମ୍





### ମହାନଗର ନିଗମ ପାଇଁ ପୁରୀରେ ବଢ଼ିଲା ୱାର୍ଡ ସଂଖ୍ୟା

# ପୌରପାଳିକାରେ ଥିଲା ୩୨, ହେଲା ୩୯ ୱାର୍ଡ

**ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ପାଇଁ ସଂରକ୍ଷଣ**

**ପୁରୀ, ୧୩ା୨ (ସମିସ):** ନବଗଠିତ ପୁରୀ ମହାନଗର ନିଗମ ପାଇଁ ନୂତନ ୱାର୍ଡ ଗଠନ ହୋଇଛି। ପୂର୍ବରୁ ପୁରୀ ପୌରସଂସ୍ଥାରେ ୩୨ଟି ୱାର୍ଡ ଥିବାବେଳେ ମହାନଗର ନିଗମ ପାଇଁ ଏହି ସଂଖ୍ୟା ୩୯ରେ ପହଞ୍ଚିଛି। ମହାନଗର ନିଗମ ହେବା ପାଇଁ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୱାର୍ଡ ବିଭାଜନ ଏବଂ ସୀମା ପୁନଃ ନିର୍ଦ୍ଧାରଣ କରାଯାଇଛି। ନବଗଠିତ ପୁରୀ ମହାନଗର ନିଗମର ଜନସଂଖ୍ୟା ୩ଲକ୍ଷ ୧୨ ହଜାର। ଜନସଂଖ୍ୟା ଅନୁଯାୟୀ ମୋଟ ୩୯ଟି ୱାର୍ଡ ଗଠନ ହୋଇଛି। ଜନସଂଖ୍ୟା କମ୍ ଥିବା ଦୃଷ୍ଟିରୁ ୨ ନମ୍ବର ଏବଂ ୩ ନମ୍ବର ୱାର୍ଡକୁ ମିଶାଇ ଗୋଟିଏ ୱାର୍ଡ କରାଯାଇଛି। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ୱାର୍ଡ ସଂରକ୍ଷଣ ହୋଇଛି। ଜନସଂଖ୍ୟା ଦୃଷ୍ଟିରୁ ୧ ନମ୍ବର ୱାର୍ଡକୁ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ଏସି ବର୍ଗ ପାଇଁ ୪ଟି ୱାର୍ଡ ସଂରକ୍ଷିତ ରହିଛି। ୯ ନମ୍ବର ଏବଂ ୩୩ ନମ୍ବର ୱାର୍ଡକୁ ଏସ୍‌ସି ମହିଳା ଏବଂ ୮ ଓ ୧୪ ନମ୍ବର ୱାର୍ଡକୁ ଏସ୍‌ସି ପାଇଁ ସଂରକ୍ଷିତ କରାଯାଇଛି। ଅନ୍ୟ ୩୪ଟି ୱାର୍ଡରେ ୫୦ ପ୍ରତିଶତ ଅର୍ଥାତ୍ ୧୭ଟି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି।

ପୁରୀ ପୌରପାଳିକାର ୩୨ଟି ୱାର୍ଡ ଏବଂ ପୁରୀ ସହରକୁ ଲାଗିକରି ଥିବା ୯ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗାଁକୁ ନେଇ ନୂତନ ପୁରୀ ମହାନଗର ନିଗମ ଗଠନ କରାଯାଇଛି। ଏନେଇ ସମସ୍ତ ତଥ୍ୟ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ୍ୟ ସରକାରଙ୍କୁ ପଠାଇଛନ୍ତି। ଏହାପରେ ସରକାରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ନୋଟିସ ବାହାରିବ। ଏହି ପର୍ଯ୍ୟାୟ ଶେଷ ପରେ ବିଧିବଦ୍ଧ ଭାବେ ମହାନଗର ନିଗମ ଗଠନ କରାଯାଇ ନିର୍ବାଚନ ଅନୁଷ୍ଠିତ ହେବ।

ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, "ନବଗଠିତ ପୁରୀ ମହାନଗର ନିଗମ ପାଇଁ ମୋଟ ୩୯ଟି ୱାର୍ଡ ଗଠନ କରାଯାଇଛି। ପୂର୍ବରୁ ପୁରୀ ପୌରପାଳିକାରେ ୩୨ଟି ୱାର୍ଡ ରହିଥିଲା। ଜନସଂଖ୍ୟାକୁ ହିସାବକୁ ନିଆଯାଇ ପୁରୀ ମହାନଗର ନିଗମ ପାଇଁ ୩୯ଟି ୱାର୍ଡ ଗଠନ ହୋଇଛି। ମହାନଗର ନିଗମର ଜନସଂଖ୍ୟା ୩ ଲକ୍ଷ ଥିବାରୁ, ନିୟମ ଅନୁଯାୟୀ ସର୍ବନିମ୍ନ ୩୯ଟି ୱାର୍ଡ ଗଠନ କରାଯାଇଛି। ଜନସଂଖ୍ୟାକୁ ଭିତ୍ତି କରି ଏସ୍‌ସି ଏବଂ ଏସ୍‌ଟି ନେଇ ଆସନ ସଂରକ୍ଷଣ କରାଯାଇଛି। ଏହି ତଥ୍ୟ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଏହି ପର୍ଯ୍ୟାୟ ଶେଷ ହେବା ପରେ ମହାନଗର ନିଗମ ଗଠନ ହେବା ସହ ଆଗାମୀ ପ୍ରକ୍ରିୟା ଓ କାର୍ଯ୍ୟ କରାଯିବ।

● ମାସିକ ପାଠଚକ୍ର

## ଅଷ୍ଟବକ୍ର ଗୀତାର ପ୍ରାସଙ୍ଗିକତା ଉପରେ ଆଲୋଚନା



**ପୁରୀ,୧୩ା୨(ସମିସ):** ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଚେତନା ଅନୁଷ୍ଠାନ ଓ ବିବେକା ନନ୍ଦ ଯୁବଶକ୍ତି ସଙ୍ଗଠନ ପୁରୀ ଆନୁକୂଲ୍ୟରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟସ୍ଥ ଯଜ୍ଞେଶ୍ୱରୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାକ୍ତନ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଠଚକ୍ରରେ ଶ୍ରୀମନ୍ଦିର ପୁରୋହିତ ତଥା ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର ଅଷ୍ଟବକ୍ର ଗୀତାର ସାମ୍ପ୍ରତିକ ସ୍ଥିତିରେ କ'ଣ ପ୍ରାସଙ୍ଗିକତା ରହିଛି ତା' ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ। ପ୍ରାକ୍ତନ ପ୍ରଫେସର ପ୍ୟାରୀମୋହନ ମହାପାତ୍ର ଜନକ ରାଜା ଓ ଅଷ୍ଟବକ୍ର ଋଷିଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ଅତି ସରଳ ଭାବେ ବୁଝାଇ ଆତ୍ମଜ୍ଞାନ ପ୍ରାପ୍ତି ଓ ଆନନ୍ଦ ପ୍ରାପ୍ତିର ମାର୍ଗ ସମ୍ବନ୍ଧରେ ବୁଝାଇଥିଲେ। ସୁଧାଂଶୁ ଶେଖର ରାଜଗୁରୁ ଓ ପ୍ରାକ୍ତନ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଅଂଶଗ୍ରହଣ କରି ଆଲୋଚନାକୁ ଆହୁରି ବୋଧଗମ୍ୟ କରିଥିଲେ। ପ୍ରାକ୍ତନ ପ୍ରଫେସର ମହେଶ୍ୱର ଦାସ ଓ ପ୍ରାକ୍ତନ ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁ ଅଷ୍ଟବକ୍ର ଗୀତାର ବିଭିନ୍ନ ଅଧ୍ୟାୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାମକୃଷ୍ଣ ମିଶନ ପରିଚାଳନା କମିଟିର ଦୁଇ ସଦସ୍ୟ ଧନଞ୍ଜୟ ଦାଶ ଓ ମଣିରାମଙ୍କୁ ଆଗାମୀ ଦିନରେ କମିଟିର ସମସ୍ତ ରିଜୋଲ୍ୟୁଶନ କରିବା ପାଇଁ ଅନୁରୋଧ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଡ. ଶ୍ରୀକାନ୍ତ ପଣ୍ଡା ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ପିତାମ୍ବର ମହାପାତ୍ର, ସୁକାନ୍ତ ସାହୁ, ସନ୍ତୋଷ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱଜିତ ଦାଶ, ସନ୍ତୋଷ ମହାନ୍ତି, କୁଳମଣି ଦୋରା, ଚନ୍ଦନ ବାରିକ, ସତ୍ୟ ନାରାୟଣ ବେହେରା, ରାକେଶ ପଲେଇ ପ୍ରମୁଖ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଡ. ମନୋଜ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକର ଦ୍ୱତୀୟ ଅଧିବେଶନରେ ଶ୍ରୀକ୍ଷେତ୍ରରେ ବିଶ୍ୱଧର୍ମ ସମ୍ମିଳନୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶେଷରେ ଶାନ୍ତିପାଠ କରାଯାଇଥିଲା।

### ପୁରୀରେ ହେବ ଛତ୍ରପତି ଶିବାଜୀ ଜୟନ୍ତୀ ମହୋତ୍ସବ

## ୧୯ରେ ପରିକ୍ରମା କରିବ ଛତ୍ରପତି ମହାରାଜଙ୍କ ରଥ

**ପୁରୀ,୧୩ା୨(ସମିସ):** ଛତ୍ରପତି ଶିବାଜୀ ମହାରାଜ ରଥଯାତ୍ରା ଓ ଶିବାଜୀ ଜୟନ୍ତୀ ମହୋତ୍ସବ ଏବର୍ଷ ଓଡିଶା ରାଜ୍ୟ ପୁରୀରେ ଆୟୋଜିତ ହେବାକୁ ସ୍ଥିର ହୋଇଛି। ଚଳିତ ମାସ ୧୮ ଓ ୧୯ ତାରିଖରେ ଏହାକୁ ଭବ୍ୟ ଓ ଶୃଙ୍ଖଳାର ସହ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଏହି ମହୋତ୍ସବକୁ ସୁନ୍ଦର ଭାବେ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆୟୋଜକମାନଙ୍କ କାର୍ଯ୍ୟସୂଚୀ, ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଶିବାଜୀ ଜୟନ୍ତୀ ମହୋତ୍ସବର ରାଜ୍ୟ ସଂଯୋଜକ ସରୋଜ କୁମାର ଭୂୟାଁ ବିଷଦ ସୂଚନା ଦେଇ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଭିନ୍ନ ଭିନ୍ନ ରାଜ୍ୟରେ ହୋଇଥାଏ। ଚଳିତ ବର୍ଷ ଓଡିଶା ଭାଗରେ ପଡିଛି। ତେଣୁ ଏହାକୁ ସମସ୍ତଙ୍କ ଉଦ୍ୟମରେ ସଫଳ କରାଯିବ ବୋଲି ସେ କହିଥିଲେ। ଅନ୍ୟତମ ସଂଯୋଜକ ରମେଶ ହିରବେ ସମାରୋହରେ ସାମିଲ ଅତିଥି ଓ ବ୍ୟକ୍ତିମାନେ ଆସନ୍ତା ୧୮ ତାରିଖରେ ପୁରୀରେ ପହଞ୍ଚିବେ। ୧୯ ତାରିଖରେରେ ଏକ ସୁଦୃଶ୍ୟ ଶୋଭାଯାତ୍ରାରେ ଛତ୍ରପତି ମହାରାଜାଙ୍କ ରଥ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇ ଅରୁଣ ସ୍ତମ୍ଭ ନିକଟରେ ପୂଜାର୍ଚ୍ଚନା କରି ଅପରାହ୍ନରେ ଟାଉନ ହଲ୍‌ଠାରେ ପହଞ୍ଚିବ। ସମସ୍ତ ଅତିଥି ଓ ଶ୍ରଦ୍ଧାଳୁ ଟାଉନ ହଲ୍‌ଠାରେ ଏକତ୍ର ହେବେ। ସେଠାରେ ମହୋତ୍ସବ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା ରକ୍ଷା, ପାନୀୟ ଜଳ, ଅଗ୍ନିଶମ ସେବା, ମନ୍ଦିର ନିକଟରେ ପୂଜାର୍ଚ୍ଚନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ନିବେଦିତା ନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ବୈଠକରେ ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ଏସ୍‌ସିଏସ୍ ଓଡ଼ିଆ ବିଭାଗରେ ଅନ୍ତର୍ଜାତୀୟ ସମ୍ମିଳନୀ

## 'ସାହିତ୍ୟ ସର୍ଜନାରେ ସମସ୍ୟାର ଚିତ୍ରଣ ହେଉ'



**ପୁରୀ,୧୩ା୨(ସମିସ):** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଦ୍ୱାରା ଦ୍ୱି ଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। "ଏକବିଂଶ ଶତାବ୍ଦୀ: ପରିବେଶ, ସଭ୍ୟତା ଓ ସାହିତ୍ୟ' ବିଷୟ ଉପରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକ ଓ ଅଧ୍ୟାପକ-ଅଧ୍ୟାପିକା, ୪୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଏକବିଂଶ ଶତାବ୍ଦୀର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାହିତ୍ୟ ସର୍ଜନାରେ ଏସବୁକୁ ଚିତ୍ରଣ କରିବାକୁ ବକ୍ତବ୍ୟରେ କହିଥିଲେ। ଅନ୍ତର୍ଜାତୀୟ ଅତିଥି ଭାବେ ଜପାନରୁ ନାଚୋସ ମିୟାହର ଓ ଏରିକୋ ତୋସିମା ଯୋଗଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନର ପରିବେଶ, ବିକାଶ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ତଥା ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ଶ୍ରୀମନ୍ତ କୁମାର ଦାଶ ଯୋଗଦେଇ ଭାରତ ଓ ଜାପାନର ସଭ୍ୟତା ଓ ପରିବେଶ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ।

ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁ ଭିତ୍ତିପ୍ରବନ୍ଧ ପାଠ କରି ଜଗତୀକରଣ ଓ ଡିଜିଟାଲ ଧ୍ରୁବିକରଣ କିପରି ଆମର ସଭ୍ୟତା ଓ ସାହିତ୍ୟକୁ ପ୍ରଭାବିତ କରିଛି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଆ ବିଭାଗର ପ୍ରାକ୍ତନ ବିଦ୍ୟାର୍ଥୀମାନଙ୍କ ସଙ୍ଗଠନ 'ଓଡ୍ରଜା' ଓ ଓଡ଼ିଆ ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଥିଲା। ପାଠଚକ୍ର ସଂଯୋଜକ ଡ. ପ୍ରଭାତ କୁମାର ସାହୁ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଶଙ୍କର୍ଷଣ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ହେନେରିଟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗିରିଜା ଶଙ୍କର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଜାପାନୀ ବ୍ୟାଣ୍ଡ ପରିବେଷଣ କରାଯାଇଥିଲା ଓ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଜାପାନୀ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସନ୍ଧ୍ୟାରେ ନାଟକ, କବିତା ଆସର ଆଦି ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ କବି ଭଗବାନ ଜୟସିଂ, ସୁଚେତା ମିଶ୍ର, ଅଜୟ ପ୍ରଧାନ, କାମଦେବ ମହାରଣା, ସନ୍ନ୍ୟାସୀ ନାୟକ, ରୁନୁ ମହାନ୍ତି, ମୀନକେତନ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ଓ ଉମାକାନ୍ତ ମହାପାତ୍ର ପ୍ରମୁଖ କବିତା ପାଠ କରିରଥିଲେ। କବି ଦିଲ୍ଲୀପ କୁମାର ସ୍ୱାଇଁଙ୍କ 'ଧାନଫୁଲ କାନଫୁଲ'ର ନାଟ୍ୟାଭିନୟ ସହ ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ'ର ନାଟ୍ୟରୂପ ଅନୁଷ୍ଠିତ ହୋଇଥିଲା। ଶନିବାର ସମ୍ମିଳନୀ ଶେଷ ହେବ ବୋଲି ଓଡ଼ିଆ ବିଭାଗ ମୁଖ୍ୟ ଡ. ସ୍ୱାଇଁ ଜଣାଇଛନ୍ତି।

### ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

## ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥ ସ୍ପୋର୍ଟିଂ ବିଜୟୀ



**ପୁରୀ, ୧୩ା୨ (ସମିସ):** ଶହିଦ ହାବିଲଦାର ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୁରୀ ପୁଲିସ ଲାଇନ ପଡ଼ିଆରେ ଏସ୍‌ପି ପ୍ରତୀକ୍ ସିଂ ଏହି କ୍ରିକେଟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଥିଲେ ଯେ, ପୁରୀରେ ବହୁ କାର୍ଯ୍ୟକ୍ରମ ବେଶ୍ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିପାଇଁ ଆରକ୍ଷୀମାନଙ୍କ ଦକ୍ଷତାକୁ ପ୍ରଶଂସା କରିଥିଲେ। ଡ୍ୟୁଟି ଭିତରେ କ୍ରୀଡ଼ା ଓ ମନୋରଞ୍ଜନ ଜଣଙ୍କୁ ସୁସ୍ଥ ଏବଂ ଖୁସି ଦେଇଥାଏ। ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତ ରହିବା ଲାଗି ଏସ୍‌ପି ଶ୍ରୀ ସିଂ ଆହ୍ୱାନ ଦେବା ସହ ପୁରୀ ପୁଲିସର ସହିଦମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ।

ଏହି କ୍ରିକେଟ୍ ପ୍ରତିଯୋଗିତାରେ ପୁରୀ ପୁଲିସର ୧୯୫ ଜଣ ୮ଗୋଟି ଦଳରେ ଭାଗ ହୋଇ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଜଗନ୍ନାଥ ସ୍ପୋର୍ଟିଂ ବିନାମ ରକ୍‌ଷ୍ଟାର ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଟସ୍ ଜିତି ରକ୍‌ଷ୍ଟାର ଅଧିନାୟକ ସତ୍ୟବାନ ସ୍ୱାଇଁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ୍ ହରାଇ ରକ୍‌ଷ୍ଟାର ୬୭ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷର ପପି ହ୍ୟାଟ୍ରିକ ୱିକେଟ ନେଇଥିଲେ। ୬୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦୁଷ୍ମନ୍ତ ସାହୁଙ୍କ ନେତୃତ୍ୱାଧୀନ ଜଗନ୍ନାଥ ସ୍ପୋର୍ଟିଂ ୬.୫ ଓଭରରେ ୪ ୱିକେଟ ହରାଇ ମ୍ୟାଚ୍ ଜିତିଥିଲା। ଦଳ ପକ୍ଷରୁ ଗୀତାଂଶୁ ୨୨, ଅଧିକାରୀ ୧୫ ଓ ପପି ୧୫ ରନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପପି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ଖେଳରେ ଉତ୍କଣ୍ଠା ରହିଥିବାରୁ ଦର୍ଶକ ବେଶ୍ ମନଭରି ଉପଭୋଗ କରିଥିଲେ। ଆରଆଇ ଚିତ୍ତରଞ୍ଜନ ମହାନ୍ତି, ପୁଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ୍ଷ ଦିଲୀପ ଭୋଇ, ସହସମ୍ପାଦକ ସତ୍ୟନାରାୟଣ ନାୟକ, ପ୍ରହଲ୍ଲାଦ ଭୋଇ, ରଞ୍ଜନ ପଲେଇ, ତ୍ରିଲୋଚନ ହୋତା ଓ ପ୍ରଶାନ୍ତ ବିଶ୍ୱାଳ, ସୁଧାଂଶୁ ମଙ୍ଗରାଜ ପ୍ରମୁଖ ଖେଳକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ସୂଚନାଥାଉ କି, ରଞ୍ଜନ ଷଡ଼ଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ଶହୀଦ ହୋଇଥିଲେ। ତାଙ୍କ ସ୍ମୃତିରେ ପୁରୀ ପୁଲିସ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରିଆସୁଛି।

## ସ୍ୱର୍ଗତ ଡ. ବିଶ୍ୱନାଥ ରଥଙ୍କ ସ୍ମୃତିରେ ସର୍ବୋଦୟ ମେଳା ଉତ୍ସର୍ଗ

**ପୁରୀ, ୧୩ା୨ (ସମିସ):** ୭୮ତମ ସର୍ବୋଦୟ ମେଳା ଓ ଗାନ୍ଧୀ ସ୍ମୃତିପୀଠର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ମୃତିପୀଠ ଓ ସଦ୍‌ଭାବନା ସଭାଗୃହରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ପାଳିତ ହୋଇଛି। ଚଳିତବର୍ଷର ସର୍ବୋଦୟ ମେଳା ଗାନ୍ଧିବାଦୀ ସମାଜସେବୀ ସ୍ୱର୍ଗତ ଡ. ବିଶ୍ୱନାଥ ରଥଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହୋଇଛି। ଗୁରୁବାର ସକାଳେ ମହାତ୍ମା ଗାନ୍ଧୀ, ଆଚାର୍ଯ୍ୟ ହରିହର, ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ପୌରହିତ୍ୟରେ ଗାନ୍ଧିବାଦୀ ଲେଖକ ଓ ଗବେଷକ ଗୌରାଙ୍ଗ ଚରଣ ପରିଡା, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। 'ବିଶ୍ୱଶାନ୍ତି ଓ ଗାନ୍ଧିଜୀ' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ମେଳା ସମ୍ପାଦକ ଶିବ ପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭାବଗ୍ରାହୀ ରାଉତରାୟଙ୍କୁ ସର୍ବୋଦୟ ସମ୍ମାନ, ଲଳିତା ଡାକୁଆଙ୍କୁ ସମାଜସେବା ସମ୍ମାନ, ରମାଦେବୀଙ୍କୁ ସ୍ୱଚ୍ଛତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମେଳା କମିଟିର ଜ୍ୟୋତ୍ସ୍ନା ନାୟକ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମେଳା କମିଟି ଉପସଭାପତି ଇଂ. ଗିରିଜା ଶଙ୍କର ପାଢୀଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ବକ୍ତବ୍ୟ ରଖିଥିଲେ। 'ଗାନ୍ଧିଜୀ ଓ ସ୍ୱଦେଶୀ ଭାବନା' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ଶ୍ରମିକ ନେତା ଜଗନ୍ନାଥ ଦେଓ ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ। କବି ମାନସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'ଗାନ୍ଧୀ ସାହିତ୍ୟ ଓ କବିତା ପାଠୋତ୍ସବ' ଅନୁଷ୍ଠିତ ହୋଇଥିଲା। ସର୍ବାଣୀ ଦାସ ସଂଯୋଜନା କରିଥିଲେ। ସଏଦ ଏରସାଦ ଅଲ୍ଲୀ, ଇଂ. ଗିରିଜା ପାଢୀ, ମାନସ ମହାପାତ୍ର ପ୍ରମୁଖ ସର୍ବୋଦୟ ପାତ୍ର ଗ୍ରହଣ କରିଥିଲେ। ସ୍ୱର୍ଗତ ଡ. ବିଶ୍ୱନାଥ ରଥଙ୍କ ସୁପୁତ୍ର ମନୋଜ ରଥ ଏଥିରେ ଉପସ୍ଥିତ ଥିଲେ। ଅପରାହ୍ଣରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଶିବପ୍ରସାଦ ମିଶ୍ର ସଭା ପରିଚାଳନା କରିଥିଲେ।



## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ତୀର୍ଥଯାତ୍ରୀ ପୁରୀରେ ପହଞ୍ଚିଲେ



**ପୁରୀ,୧୩ା୨(ସମିସ):** ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆଜିଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରିବା ପରେ ନବରଙ୍ଗପୁର ଜିଲ୍ଲା ସହ ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ, ସମ୍ବଲପୁର ଜିଲ୍ଲାର ଶ୍ରଦ୍ଧାଳୁ ପୁରୀରେ ପହଞ୍ଚୁଛନ୍ତି। ଆଜି ସନ୍ଧ୍ୟାରେ ଗଞ୍ଜାମ ଓ ଭଦ୍ରକ ଜିଲ୍ଲାର ୫୦୦ ତୀର୍ଥଯାତ୍ରୀ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣୀ ସ୍ଥାନ ବୃନ୍ଦାବତୀ ନିବାସରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାରମ୍ପରିକ ବାଦ୍ୟ, ହୁଳହୁଳି, ଚନ୍ଦନ ଟିପା ଦେଇ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀମନ୍ଦିର ଡେପୁଟି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଓଏସଆରଟିସିର ଜିଲ୍ଲା ପରିଚାଳକ ରଶ୍ମି ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ସେମାନଙ୍କୁ ମହାପ୍ରସାଦ ସେବନ କରାଯାଇଥିଲା। ଆସନ୍ତା କାଲି ପ୍ରାତଃ ସମୟ ରେ ଏହି ତୀର୍ଥଯାତ୍ରୀ ମାନେ ଶ୍ରୀମନ୍ଦିର ରେ ମହାପ୍ରଭୁଙ୍କ ଦର୍ଶନ କରିବେ। ସେହିପରି ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜ ର ଶ୍ରଦ୍ଧାଳୁ ରାତ୍ରିରେ ପହଞ୍ଚିବା ସହ ଆସନ୍ତା କାଲି ମନ୍ଦିର ଦର୍ଶନର କାର୍ଯ୍ୟକ୍ରମ ରହିଛି।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ମାମଲା

# ଦୁଇ ନାବାଳକ ସମେତ ୪ ଜଣଙ୍କୁ କାବୁକଲା ପୁଲିସ

**ପୁରୀ,୧୩ା୨(ସମିସ):** ପୂର୍ବ ବିବାଦକୁ ନେଇ ଗୁରୁବାର ସନ୍ଧ୍ୟାରେ ମାଟିଆପଡା ଛକରେ ଖଣ୍ଡା ବୁଲିଥିଲା। ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ରାକେଶ କୁମାର ବାରିକ ଗୁରୁତର ହୋଇଥିବା ବେଳେ ରଣଜିତ ନାରାୟଣ ଗୋଛାୟତ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ତାଳବଣିଆ ଥାନା ପୁଲିସ ୨ ନାବାଳକଙ୍କ ସମେତ ୪ ଜଣଙ୍କୁ କାବୁ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିକୁଦ ସାହିର ଦିବ୍ୟଜ୍ୟୋତି ବେହେରା (୨୨) ଓ ଆକାଶ କୁମାର ଦାସ (୨୧)। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକ ଦୁଇଜଣଙ୍କ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇଛି। ପୁଲିସ ଆକ୍ରମଣରେ ବ୍ୟବହୃତ ଗୋଟିଏ ଖଣ୍ଡା ଜବତ କରିଛି। ଅଭିଯୋଗକାରୀ ମାଟିଆପଡାର ରଣଜିତ ନାରାୟଣ ଗୋଛାୟତ ଏବଂ ତାଙ୍କ ସାଙ୍ଗ ରାକେଶ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସର୍ବୋଦୟ ନଗରରୁ ମାଟିଆପଡା ଆଡକୁ ବାଇକ୍‌ରେ ଆସୁଥିଲେ। ମାଟିଆପଡା ଛକରେ ବାଲିଉପର ସାହିର କିଛି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ରାକେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରକ୍ତାକ୍ତ ଅବସ୍ଥାରେ ଉଭୟଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ରାକେଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ତାଳବଣିଆ ଥାନା ପୁଲିସ ଏକ ମାମଲା (ନଂ.୫୦/୨୬) ରୁଜୁ କରି ତଦନ୍ତ କରୁଥିବାବେଳେ ୪ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି।

ସକାଳ
THE SAKALA



## ଶରଣକୁଳ ଅଞ୍ଚଳରେ ଚୋରି ଆତଙ୍କ

**ଶରଣକୁଳ,୧୩।୨(ସମିସ):** ଶରଣକୁଳ ଥାନା ଅଞ୍ଚଳରେ କିଛିଦିନ ଧରି ଲଗାତର ଚୋରି ଘଟଣା ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୁରୁବାର ଭୋର ସମୟରେ ନିକଟସ୍ଥ କରଡ଼ା ରଘୁନାଥପୁର ଶାସନ ଗ୍ରାମର ଗୌରୀଶଙ୍କର ମିଶ୍ରଙ୍କ ଘରୁ ୭୦ ଗ୍ରାମ ସୁନା ଓ ୬୨ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗୌରୀଶଙ୍କରଙ୍କ ପରିବାର ଲୋକେ ରାତିରେ ଖାଇସାରି ଶୋଇବା ପରେ ଚୋର ଘର ବାଡ଼ି ପାଖ ରୋଷେଇ ଘର ଝରକା ଭାଙ୍ଗି ପଶିଥିଲେ। ଷ୍ଟିଲ୍ ଆଲମିରାରୁ ଝିଅ ବିବାହ ପାଇଁ ରଖିଥିବା ୭୦ ଗ୍ରାମ ସୁନା ଅଲଙ୍କାର ଓ ୬୨ ହଜାର ଟଙ୍କା ନେଇଯାଇଥିଲେ। ରାତି ୩ଟାରେ ଗୌରୀଶଙ୍କରଙ୍କ ସ୍ତ୍ରୀ ସଞ୍ଜୁବାଳା ମିଶ୍ର ଉଠି ଦେଖିବା ବେଳକୁ ଜଣେ ଚୋର ଝରକା ଡେଇଁ ଚାଲିଯାଇଥିଲେ। ସେ ତାଙ୍କ ସ୍ୱାମୀକୁ ଉଠାଇ ଘରେ ଚୋର ପଶିଥିବା କହିବା ପରେ ଗୌରୀଶଙ୍କର ଚୋରର ପିଛା କରିଥିଲେ। କିନ୍ତୁ ଟେର ପାଇ ନ ଥିଲେ। ସକାଳେ ଗୌରୀଶଙ୍କର ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ତେବେ ଚୋର ବ୍ୟକ୍ତି କିମ୍ବା ଚୋରି ସାମଗ୍ରୀ ସମ୍ପର୍କରେ କୌଣସି ସୁରାକ ମିଳିନାହିଁ।

## ଦିବ୍ୟାଙ୍ଗ ଯୁବତୀ ୭ ମାସର ଅନ୍ତଃସତ୍ତ୍ୱା

**ନୟାଗଡ଼,୧୩।୨(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀ ୭ ମାସର ଅନ୍ତଃସତ୍ତ୍ୱା ହୋଇଛନ୍ତି। ଯୁବତୀ ଜଣକ ମାନସିକ ବିକାରଗ୍ରସ୍ତ ବୋଲି ସୂଚନା ମିଳିଛି। ସେ କଥା ମଧ୍ୟ କହି ପାରନ୍ତି ନାହିଁ। ଏହାର ସୁଯୋଗ ନେଇ କୌଣସି ବ୍ୟକ୍ତି ଫାଇଦା ଉଠାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଦେହ ଅସୁସ୍ଥ ହେବାରୁ କିଛିଦିନ ତଳେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଅଲଟ୍ରାସାଉଣ୍ଡ କରିବା ପରେ ସେ ଅନ୍ତସତ୍ତ୍ୱା ଥିବା ଜଣାପଡ଼ିଥିଲା। ଏ ନେଇ ଯୁବତୀଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରିଛି। ଯୁବତୀ କଥା କହିପାରୁ ନ ଥିବାରୁ ତାଙ୍କ ଠାରକୁ ଆଧାର କରି ପରିବାର ଲୋକେ ଅଭିଯୁକ୍ତ ସମ୍ପର୍କରେ ପୁଲିସକୁ ଜଣାଇଛନ୍ତି। ତେବେ ପୁଲିସ ଜଣେ ଯୁବକଙ୍କୁ ଥାନାକୁ ଡକାଇ ପଚରାଉଚରା ପରେ ଛାଡ଼ି ଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଏବଂ ହିମୋଗ୍ଲୋବିନ୍ କମ୍ ରହିଥିବା ସୂଚନା ମିଳିଛି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପରିବାର ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ ଛୁଟିରେ ଥିବା କହିଛନ୍ତି। ଆସନ୍ତାକାଲି ସେ ଇଟାମାଟି ଫେରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଜାତୀୟ କନ୍ୟା ସନ୍ତାନ ଦିବସ ପଦଯାତ୍ରା




**ନୟାଗଡ଼,୧୩।୨(ସମିସ):** ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ଶୁକ୍ରବାର ଜିଲ୍ଲା ସଦରମହକୁମାରେ ଭବ୍ୟ ପଦଯାତ୍ରା ଆୟୋଜିତ ହୋଇଛି। ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ଜିଲ୍ଲାପାଳ ମଧୁମିତା ରଥଙ୍କ ସହ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସମସ୍ତ ସିଡିପିଓ, ସୁପରଭାଇଜର, ପ୍ରୋଗ୍ରାମ ଅଫିସର, ଡିସି ଡିଏଚଇଡବ୍ଲ୍ୟୁ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ପ୍ରାୟ ୨୦୦ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା, ନୟାଗଡ଼ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଓ ୫୦ ଜଣ ଛାତ୍ରୀ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତୀକରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଯାଇଥିଲା।

## ମହାଶିବରାତ୍ରି ପାଇଁ ସଜେଇ ହେଉଛି ଶୈବପୀଠ

**ରଣପୁର,୧୩।୨(ସମିସ):** ଆଉ ଦିନକ ପରେ ମହାଶିବରାତ୍ରି ତଥା ଜାଗର ଯାତ୍ରା। ଏ ନେଇ ରଣପୁର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାତ୍ରାକୁ ସୁରୁଖୁରୁରେ ପାଳନ କରିବା ପାଇଁ ପୀଠ ପରିଚାଳନା କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଶୈବପୀଠରେ ନାମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ ଆୟୋଜନ ହେଉଥିବା ବେଳେ ଆଉ କେତେକ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି। ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ଆଲୋକୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରଦ୍ଧାଳୁମାନେ ଜାଗର ଜାଳିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ

**ଖଣ୍ଡପଡ଼ା,୧୩।୨(ସମିସ):** ଖଣ୍ଡପଡ଼ା ବ୍ଲକ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ ଓ ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଅଭିସାର ପଣ୍ଡା ପୌରୋହିତ୍ୟ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ଉତ୍ତମ ରୋଗୀ ସେବା ଉପରେ ଆଲୋଚନା ହୋଇଥିଲା। ପୂର୍ବ ବର୍ଷର ବ୍ୟୟ ବାବଦରେ ଆଲୋଚନା ହେବା ସହ ମିଳିଥିବା ଅନୁଦାନ ରାଶି କିଭଳି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ନିମନ୍ତେ ବ୍ୟୟ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ପ୍ରତି ୬ ମାସରେ ରୋଗୀ କଲ୍ୟାଣ ସମିତି ବୈଠକ, ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜେନେରେଟର ଓ ବିଦ୍ୟୁତ ମରାମତି, ପାଣି ଜମିବା ସମସ୍ୟା ସମାଧାନ, ଏସି, ଚେୟାର ଟେବୁଲ ଓ ନୂତନ ବେଡ୍ କିଣାଯିବାକୁ ନିଷ୍ପତ୍ତି ହୋଇଛି। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଷ୍ଟାଫ ନର୍ସ ଅଭାବ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଆଦି ପ୍ରମୁଖ ବିଷୟରେ ଗୁରୁତ୍ୱର ସହ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ସେଠୀ, ପ୍ରକାଶ କୁମାର ପଣ୍ଡା, ପ୍ରମୋଦ ସାହୁ, ବିପିନ ସାମଲ ପ୍ରମୁଖ ଯୋଗଦେଇଥିଲେ।

### ଶିକ୍ଷକ ଓ କିରାଣିଙ୍କ ଅଡିଓ ଭାଇରାଲ

# 'ବ୍ଲାକ୍ ଡଗ୍' ଧରି ଆସିଲେ ପାର୍ଟି କରିବା

**ନୟାଗଡ଼,୧୩।୨(ସମିସ)**

ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗରେ ଚାଲିଛି କିରାଣି ରାଜୁତି। କିଏ ଧମକ ଦେଇ ବୀମା କରୁଛି ତ ପୁଣି କିଏ ମନଇଚ୍ଛା ଚାନ୍ଦା ଆଦାୟ କରୁଛି। ବିନା ହାତଗୁଞ୍ଜାରେ ଫାଇଲ ଘୁଞ୍ଚୁନି। ଜିଲ୍ଲା ଶିକ୍ଷା ବିଭାଗର କିରାଣି ଓ ଶିକ୍ଷକ ବୀମା କମ୍ପାନୀର ଦଲାଲ ସାଜିବା ଘଟଣାରେ ଜିଲ୍ଲା ଶିକ୍ଷା ଅଧିକାରୀ ଚୁପ ବସିଥିବା ବେଳେ ଏବେ ଏକ ନୂଆ ଘଟଣା ସାମ୍ନାକୁ ଆସିଛି। ଶିକ୍ଷକଙ୍କ ଡେପୁଟେସନ୍ ବଦଳି ପାଇଁ କିରାଣି 'ରକ୍‌ଫୋର୍ଡ' ଓ 'ବ୍ଲାଗ ଡଗ୍' ମଦ ଦାବି କରୁଥିବା ଅଡିଓ ଭାଇରାଲ ହୋଇଛି। ଏହି କିରାଣି ଜଣକ ନୟାଗଡ଼ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ କିଶୋର ଚନ୍ଦ୍ର ଭଞ୍ଜ ଏବଂ ଶିକ୍ଷକ ଜଣକ ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିବାଦୀୟ ଚାଉଳ ବିକିବା ଘଟଣାରେ ସମ୍ପୃକ୍ତ ମନୋରଞ୍ଜନ ସାହୁ। ନିକଟରେ ତାଙ୍କୁ ଗୋବିନ୍ଦପୁର ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଛି। ଏହି ଡେପୁଟେସନ୍ ନିର୍ଦ୍ଦେଶ ପୂର୍ବରୁ ଉଭୟ ଶିକ୍ଷକ ଓ କିରାଣିଙ୍କ ବାର୍ତ୍ତାଳାପ ଅଡିଓ ଭାଇରାଲ ହୋଇଛି। ଶିକ୍ଷକ ଜଣକ ଜିଲ୍ଲାର ଜଣେ ସୁନାମଧନ୍ୟ ଡାକ୍ତରଙ୍କୁ ୫ ଶହ ଟଙ୍କା ଦେଇ ଫିଟନେସ୍ ସାର୍ଟିଫିକେଟ୍ ଆଣିଥିବା କହୁଥିବା ବେଳେ କିରାଣି କାମ କରାଇଦେବା ପାଇଁ ରକ୍‌ଫୋର୍ଡ ମଦ ଦାବି କରୁଥିବା ଶୁଣାଯାଇଛି। ଶେଷରେ ରକ୍‌ଫୋର୍ଡ ନୁହେଁ, ଗୋଟେ ବ୍ଲାକ ଡଗ୍ କ୍ୱାର୍ଟ ନେଇ ଆସିବ, ୧୨ ସୁଦ୍ଧା ଅର୍ଡର ଧରି ଯିବ ବୋଲି କିରାଣି ଭଞ୍ଜ କହିଛନ୍ତି। ତେବେ ଏହି ଘଟଣାରେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ନିରବ ରହିବା ଘଟଣା ସମସ୍ତଙ୍କୁ ଆଚମ୍ବିତ କରିଛି। ବିଗତ ଦିନରେ ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ, ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ କିରାଣି, ଆକାଉଣ୍ଟାଣ୍ଟ ବୀମା କମ୍ପାନୀ ଦଲାଲ ସାଜିବା ଘଟଣାର ତଦନ୍ତ ସରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବେଳେ ଏବେ କିରାଣିଙ୍କ ମଦ ମାଗିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତକାଲି ଦଶପଲ୍ଲାରେ ଦୁଇ ଛାତ୍ର ମଦପିଇ ବିଦ୍ୟାଳୟକୁ ଆସିବା, ଆଜି କିରାଣିଙ୍କ ମଦ ମାଗିବା ଶିକ୍ଷା ବିଭାଗକୁ ନିନ୍ଦିତ କରିଛି। ଜିଲ୍ଲା ଶିକ୍ଷା ବିଭାଗରେ ଶିକ୍ଷାକୁ ବାଦ୍ ଦେଇ ଏବେ ମଦ ରାଜୁତି କରୁଥିବା ଆଲୋଚନା ହେଉଛି।

- କଳୁଷିତ ଶିକ୍ଷା ବିଭାଗ, ଅଧିକାରୀ ନିରବ
- ଛାତ୍ରଠୁ ଅଧିକାରୀ ଯାଏଁ ସମସ୍ତଙ୍କୁ ଲୋଡ଼ା ମଦ

### ମାଧ୍ୟମିକ ଶିକ୍ଷା ବିଭାଗ ଚିଠିକୁ ଅଣଦେଖା

## ବର୍ଷ ବର୍ଷ ଧରି ବଦଳୁନାହାନ୍ତି କିରାଣି

ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠିକୁ ଜିଲ୍ଲା ଶିକ୍ଷା ବିଭାଗ ଅଣଦେଖା କରୁଛି। ଜିଲ୍ଲାରେ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଅସ୍ଥାନ ଜମାଇଥିବା କିରାଣିଙ୍କୁ ବଦଳି କରିବା ପାଇଁ ମାଧ୍ୟମିକ ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ବାରମ୍ବାର ଚିଠି କରୁଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିବା କିରାଣିଙ୍କ ତାଲିକା ପ୍ରସ୍ତୁତ କରି ବଦଳି କରିବା ପାଇଁ ଶିକ୍ଷା ବିଭାଗ ଗତ ଅଗଷ୍ଟ ୨୦ରେ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଥିଲେ। ନୟାଗଡ଼ ଜିଲ୍ଲାରେ ଏହି ଚିଠିକୁ କାର୍ଯ୍ୟକାରୀ କରାଯାଇ ନ ଥିବା ବେଳେ ୨୦୨୫ ସେପ୍ଟେମ୍ବର ୨୫ରେ ପୁନର୍ବାର ଡେପୁଟି ଡାଇରେକ୍ଟର ଚିଠି ଲେଖି ସମାନ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ୮ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ମାଳ ମାଳ କିରାଣି ବର୍ଷ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଦୀର୍ଘବର୍ଷ ଧରି କିରାଣିଙ୍କ ବଦଳି ହେଉ ନ ଥିବାରୁ ସେମାନେ ଆସ୍ଥାନ ଜମାଇବା ସହ ଶିକ୍ଷକ ଓ କର୍ମଚାରୀଙ୍କୁ ଶୋଷଣ କରୁଛନ୍ତି। ନୟାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବଦଳି ହୋଇ ନ ଥିବା କିରାଣି ମଧ୍ୟ କାମ କରୁଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ କେବେ ଏହି ନିର୍ଦ୍ଦେଶ ଉପରେ ପଦକ୍ଷେପ ଗ୍ରହଣ କରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ସୁନାମୁହିଁ ଡ୍ୟାମ୍ ପଙ୍କୋଦ୍ଧାର କାର୍ଯ୍ୟ ଅଧପନ୍ତରିଆ।

## ଠିକାଦାରଙ୍କୁ ଅନୁକମ୍ପା ଦେଖାଉଛି କ୍ଷୁଦ୍ର ଜଳସେଚନ ବିଭାଗ



**ଖଣ୍ଡପଡ଼ା,୧୩।୨(ସମିସ):** ଖଣ୍ଡପଡ଼ା ସହର ଉପକଣ୍ଠରେ ଥିବା ସୁନାମୁହିଁ ଡ୍ୟାମର ଜଳଭଣ୍ଡାର ମରାମତି, ପୁନରୁଦ୍ଧାର ଏବଂ ପୁନଃନିର୍ମାଣ ନିମନ୍ତେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମୋଟ ୩ କୋଟି ୫୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଗତବର୍ଷ ବର୍ଷାଋତୁ ପୂର୍ବରୁ ଡ୍ୟାମର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ପଙ୍କ ଓ ମାଟି ଉଦ୍ଧାର କାର୍ଯ୍ୟ ହୋଇଥିଲା। ଡ୍ୟାମ ଭିତରୁ ୩ରୁ ୪ ଫୁଟ ଗଭୀରରେ ମାଟି ତାଡ଼ି ନିଆଯାଇଥିଲା। ତେବେ ଏହି ମାଟିକୁ ଡ୍ୟାମର ଜଳ ପ୍ରବେଶ ପଥ ତଥା ଅବବାହିକା ଅଞ୍ଚଳରେ ଗଦା କରାଯାଉଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଫଳରେ ଜଙ୍ଗଲ ପାହାଡ଼ ଘେରା ଏହି ପରିବେଶ ପର୍ଯ୍ୟଟନସ୍ଥଳୀକୁ ନଷ୍ଟ କରି ବ୍ୟାପକ ହରିଲୁଟ୍ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ଅଭିଯୋଗ ହୋଇଆସୁଛି। ଏଥିପ୍ରତି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗତ ପ୍ରାୟ ୭ ମାସରୁ ଉର୍ଦ୍ଧ୍ୱ ସମୟ ଧରି କାମ ଆରମ୍ଭ ହୋଇଥିବା ବେଳେ ଜଳାଭଣ୍ଡାର ମଧ୍ୟରୁ ଅବଶିଷ୍ଟ ମାଟି ଉଠାଇବାକୁ ସତେ ଯେମିତି ଭୁଲିଯାଇଛନ୍ତି ଠିକାଦାର। କ୍ଷୁଦ୍ର ଜଳସେଚନ ବିଭାଗ ମଧ୍ୟ ଏହି କାମ ପ୍ରତି ଆଖି ବୁଜି ଦେଇ ଠିକାଦାରଙ୍କୁ ଅନୁକମ୍ପା ଦେଖାଯାଉଥିବା ଅଭିଯୋଗ ହେଉଛି। ଡ୍ୟାମ ନିକଟରେ ଥିବା ସହରାଞ୍ଚଳ ସମେତ ଶାଳଝରିଆ, ଶିଖରପୁର ଓ ଖଳିସାହି ପଞ୍ଚାୟତର ଶହ ଶହ ଚାଷୀ ଜଳସେଚନ ପାଇଁ ଏହି ଡ୍ୟାମ ଉପରେ ନିର୍ଭର କରନ୍ତି। ମାତ୍ର ଗତ ୪ ବର୍ଷ ହେବ ଡ୍ୟାମ ଏକରକମ ଶୁଖିଲା ପଡ଼ିଥିବା ବେଳେ ଖରିଫ ଓ ରବି ଫସଲକୁ ଜଳସେଚନ ଏକରକମ ଠପ ହୋଇଯାଇଛି। ଅନ୍ୟପକ୍ଷରେ ଜଳ ଅଭାବକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ପୁନରୁଦ୍ଧାର ଅଭାବରୁ ଜଳଭଣ୍ଡାର ସମୟ କ୍ରମେ ପୋତି ହୋଇପଡ଼ିଥିବା ବେଳେ ଜଳଧାରଣ କ୍ଷମତା ହ୍ରାସ ପାଇଛି। ସେହିପରି ଖଣ୍ଡପଡ଼ା ଅଞ୍ଚଳରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଥିବା ଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ମାତ୍ର ଗତବର୍ଷ ଜଳାଶୟ ପୁନରୁଦ୍ଧାର ଯେଉଁଭଳି ଢଙ୍ଗରେ ଚାଲିଥିଲା ତାକୁ ନେଇ ଗଣମାଧ୍ୟମ ସହ ସହରାଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀଙ୍କୁ ପଚାରିବାରୁ ଅବଶିଷ୍ଟ ପଙ୍କ ଓ ମାଟି ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

## ଜାତୀୟ ଏକତା ପଦଯାତ୍ରା

**ଭାପୁର,୧୩।୨(ସମିସ):** ଜାତୀୟ ସଂହତି ଓ ଏକତାର ପ୍ରତୀକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ପଦଯାତ୍ରାରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ସାହୁ, ବିଦ୍ୟାଳୟ ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଓ ନିର୍ବାଚିତ ଜନପ୍ରତିନିଧି ଭାଗନେଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରୁ ପଦଯାତ୍ରା ଆରମ୍ଭ ହୋଇ ଭାପୁର ବଜାର ଓ ଗାଁ ବୁଲି ବ୍ଲକ ପରିସରରେ ସମାପ୍ତ ହୋଇଥିଲା।

**ଓଡ଼ଗାଁ:** ଓଡ଼ଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଡିଓ ପ୍ରୀତିବାଳା ରଣା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ମିନୀ ପ୍ରଧାନଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ମିଶନ ଶକ୍ତି ମହିଳା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ପଦଯାତ୍ରାରେ ବାହାରିଥିଲେ। ଏକତାର ସନ୍ଦେଶ ଗାନ କରି ଶୋଭାଯାତ୍ରା ଶ୍ରୀ ରଘୁନାଥଜିଉ ମନ୍ଦିର ପର୍ଯ୍ୟନ୍ତ ଯାଇ ପୁନଃ ବ୍ଲକ କାର୍ଯ୍ୟାଳୟକୁ ଫେରିଥିଲା। ଏହି ଅବସରରେ ବିଇଓ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କବାଡ଼ି ପ୍ରତିଯୋଗିତାର ସଫଳ ଦଳକୁ ସମ୍ମାନିତ କରାଯାଇଥିଲା। ବାଳକ ବର୍ଗରେ କୋମଣ୍ଡ ଉଚ୍ଚ ବିଦ୍ୟାଳୟ ପ୍ରଥମ ଓ ଓଡ଼ଗାଁ ରଘୁନାଥ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ। ବାଳିକା ବର୍ଗରେ ଓଡ଼ଗାଁ ପିଏମ୍‌ଶ୍ରୀ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ଓ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପ୍ରତିଯୋଗିତା



**ନୟାଗଡ଼,୧୩।୨(ସମିସ):** ସ୍ଥାନୀୟ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲାପାଳ ମଧୁମିତା ରଥଙ୍କ ସହ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସମସ୍ତ ସୁପରଭାଇଜର, ପ୍ରୋଗ୍ରାମ ଅଫିସର, ଡିସି ଡିଏଚଇଡବ୍ଲ୍ୟୁ, ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୨୦୦ ଅଙ୍ଗନବାଡ଼ି କର୍ମୀ ଓ ସହିୟିକା ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ନିଜ ଅଭିଭାଷଣରେ ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ କରିଥିଲେ।

### ନୂତନ ଗୃହ ହସ୍ତାନ୍ତରକୁ ବର୍ଷେ ବିତିନି

## ଛାତରୁ ଖସିଲା ସ୍ଲାବ୍, ବର୍ତ୍ତିଲେ ଆରଆଇଙ୍କ ପରିବାର



**ଭାପୁର,୧୩।୨(ସମିସ):** ଭାପୁର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟରେ ଘଟିଛି ବଡ଼ ଅଘଟଣ। ନୂତନ କୋଠାର ଛାତ ସିଲିଂ ଖସିପଡ଼ି ଥିବାବେଳେ ଆରଆଇଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଭାପୁର ବଜାର ନିକଟରେ ନବନିର୍ମିତ ଆରଆଇ ଅଫିସର ନିଜସ୍ୱ ଗୃହ ନିର୍ମାଣ ହୋଇ ଗତବର୍ଷ ମାର୍ଚ୍ଚ ୫ରେ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେହି ନୂତନ ଅଫିସରେ ସେବେଠାରୁ ଅଫିସ କାର୍ଯ୍ୟ ଚାଲିଛି। ଆର୍‌ଆଇ ସଞ୍ଜୟ ପ୍ରଧାନ ପରିବାର ସହ ସେଠାରେ ରହି ସେବା ପ୍ରଦାନ କରୁଛନ୍ତି। ମାତ୍ର ଗୁରୁବାର ରାତି ୧ଟାରେ ଆରଆଇ ପ୍ରଧାନ, ତାଙ୍କ ସ୍ତ୍ରୀ ସୁନିତା ଓ ୫ ବର୍ଷର ଝିଅ ଶୋଇଥିବା ବେଳେ ଛାତ ସିଲିଂ ତାଙ୍କ ଉପରେ ଖସିପଡ଼ିଥିଲା। ଏଥିରେ ସୁନିତା ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୌଭାଗ୍ୟକୁ ସେମାନେ ମଶାରି ଟାଣି କମ୍ବଳ ଘୋଡ଼ିହୋଇ ଶୋଇଥିବାରୁ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି। କମ୍ବଳ ଓ ମଶାରି ଯୋଗୁଁ ସେମାନଙ୍କ ଜୀବନ ରକ୍ଷା ପାଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ମାତ୍ର ୧୧ ମାସର କୋଠାଘର ବର୍ତ୍ତମାନ ବିପଦସଙ୍କୁଳ ହୋଇପଡ଼ିଛି।

### ହାପି ମେମୋରିଆଲ କ୍ରିକେଟ୍

## ଭାପୁର ସେମିରେ

**ଭାପୁର,୧୩।୨(ସମିସ):** ଭାପୁର ବଜାର ନିକଟ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ହାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ପିଠାଖାଇ ଓ ଭାପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି। ଭାପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପିଠାଖାଇ ଦଳ ଟସ ଜିତି ବୋଲିଂ କରିଥିଲା। ଭାପୁର ଦଳ ନାଲୁ ଦେହୁରୀଙ୍କ ବିସ୍ଫୋରକ ୭୦ ରନ (୪୯ ବଲ) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୩୭ ରନ କରିଥିଲା। ଜବାବରେ ପିଠାଖାଇ ଦଳ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୮୦ ରନରେ ସିମୀତ ରହିଥିଲା। ବିଜୟୀ ଦଳର ନାଲୁ ଦେହୁରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସନାତନ ବେହେରା ଓ ଯତୀନ ଗୁମାନସିଂହ ଖେଳ ପରିଚାଳନା କରିଥିଲେ। ସିକୁନ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥଇବା ବେଳେ ବାଦଲ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ମୁରଲୀଧର ଦାଶ ଓ ବିବେକାନନ୍ଦ ସାହୁ ଯୋଗଦେଇଥିଲେ। ଶନିବାର ଏଲପଡ଼ା ଓ କଣ୍ଟିଲୋ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଚୋର ଧରିବାରେ ନୟାଗଡ଼ ପୁଲିସ ବିଫଳ

**ନୟାଗଡ଼,୧୩।୨(ସମିସ)**

ଜିଲ୍ଲାର ୭ ଚୋରଙ୍କୁ ବଲାଙ୍ଗିର ପୁଲିସ ଗିରଫ କରିବା ପରେ ନୟାଗଡ଼ ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ନୟାଗଡ଼ ପୁଲିସ ଅନେକ ଚୋରି ଘଟଣାର ଖିଅ ଖୋଜି ପାଉ ନ ଥିବା ବେଳେ ଅନ୍ୟ ଜିଲ୍ଲା ପୁଲିସ କିଭଳି ସଫଳତା ପାଉଛି ବୋଲି ଆଲୋଚନା ହେଉଛି। ଜିଲ୍ଲାର ଅନେକ ଥାନାରେ ଗତ ଦୁଇବର୍ଷ ମଧ୍ୟରେ ଶତାଧିକ ଚୋରି ମାମଲା ରୁଜୁ ହୋଇଛି। କୌଣସି ଥାନା ପୁଲିସ ଆଖିଦୃଶିଆ ଭାବେ ଚୋର, ଡକାୟତଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିନାହିଁ। ବିଗତ ଦିନରେ ମନ୍ଦିର ଚୋରି ଘଟଣାରେ ପୁଲିସ ଚାପରେ ପଡ଼ି ଧରିବାରେ ସଫଳ ହୋଇଥିବା ବେଳେ ଅନେକ ଘରୁ ଚୋରି, ବାଇକ ଚୋରି, ସାଇକଲ ଚୋରି, ଚେନ୍ ଲୁଟ, ଛିନତାଇ ଭଳି ଅଭିଯୋଗ ତଦନ୍ତରେ ଅଟକି ଯାଉଛି। ନିକଟରେ ସଦରଥାନା ଅନ୍ତର୍ଗତ ଯଦୁପୁର ଗାଁରୁ ଚୋରି ଘଟଣା, ଟାଉନଥାନା ନବଘନପୁର ଚୋରି ଘଟଣା ଲୋକଙ୍କ ମନରେ ସଜେଡ ରହିଛି। ନୟାଗଡ଼ ଲକ୍ଷ୍ମଣନଗର ଚୋରି ଘଟଣା, ଶ୍ରୀରାମ ନଗରରେ ରହୁଥିବା ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ଘରୁ ଚୋରି ଘଟଣା ଏବେ ବି ରହସ୍ୟ ଘେରରେ ରହିଛି। ନୟାଗଡ଼ ସଦର ଓ ଟାଉନଥାନାକୁ ବାଦ ଦେଲେ ଫତେଗଡ଼ ଥାନା ଅଞ୍ଚଳରେ ମଧ୍ୟ ଅନେକ ଚୋରି ଘଟଣା ଅନ୍ଧାରରେ ରହିଛି। ପୁଲିସ ଚୋରି ରୋକିବାରେ ବିଫଳ ହେଉଥିବା ବେଳେ ଚୋର ଧରିବାରେ ମଧ୍ୟ ବିଫଳ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ନୟାଗଡ଼ ଜିଲ୍ଲାରେ ଚୋରି ଘଟଣାକୁ ସାଧାରଣ ମନେ କରି ପୁଲିସ ଚୁପ ବସିଥିବା ବେଳେ ଅଭିଯୋଗକାରୀ ଭାଗ୍ୟକୁ ଆଦରି ଜୀବନ ଅତିବାହିତ କରୁଛନ୍ତି। ଜିଲ୍ଲା ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ମାମଲାଗୁଡ଼ିକ ସଠିକ ଭାବେ ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଗୋଲେଇ ଛକରେ ଚାନ୍ଦା ଆଦାୟ

ନୟାଗଡ଼ ସଦରମହକୁମା ଗୋଲେଇ ଛକରେ ଭାରୀଯାନ ତଥା ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ହାଇୱାଗୁଡ଼ିକରୁ କିଛି ପୁଲିସ କର୍ମଚାରୀ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଲଘୁ ଖଣିଜ ଦ୍ରବ୍ୟ ଚାଲାଣ କରୁଥିବା ହାଇୱାଗୁଡ଼ିକରୁ ୨ ଶହ ଲେଖାଏଁ ଟଙ୍କା ଆଦାୟ କରାଯାଉଥିବା ଅନେକ ହାଇୱା ମାଲିକ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଭାରୀଯାନ ଚଳାଚଳ ନିଷିଦ୍ଧ ପାଇଁ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ସମୟ ଶେଷ ପରେ ବି ଟ୍ରାଫିକ ଡ୍ୟୁଟିରେ ଥିବା କିଛି ପୁଲିସ କର୍ମଚାରୀ ଚାନ୍ଦା ଆଦାୟ କରୁଛନ୍ତି। ନ ଦେଲେ ଗାଡ଼ିଗୁଡ଼ିକର ଫଟୋ ଉଠାଇ ଜରିମାନା ପକାଇବାକୁ ଧମକ ଦେଉଥିବା ଏବଂ ବାଦବିବାଦ ହେଲେ ଟାଉନଥାନାକୁ ଯିବାକୁ ବାଧ୍ୟ କରୁଥିବା ଅଭିଯୋଗ ହେଉଛି। ଟ୍ରାଫିକ ଡ୍ୟୁଟିରେ ରହୁଥିବା କିଛି ପୁଲିସ କର୍ମଚାରୀ ଦୀର୍ଘଦିନ ଧରି ବଦଳି ହେଉ ନ ଥିବାରୁ ଏଭଳି ପରିସ୍ଥିତି ଓ ମନମୁଖି କାର୍ଯ୍ୟ ହେଉଥିବା ଆଲୋଚନା ହେଉଛି।

### ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଘାଟିକିଆକୁ ହରାଇ ଫାଇନାଲରେ ସାନ କ୍ଲବ

**ରଣପୁର,୧୩।୨(ସମିସ):** ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ୨୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ବଜରଙ୍ଗବଲି କ୍ଲବ ଘାଟିକିଆ ଓ ସାନ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ସାନ କ୍ଲବ ଟାଏବ୍ରେକରରେ ୪-୨ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ହୋଇ ନ ଥିଲା। ଫଳରେ ଟାଏବ୍ରେକରର ସହାୟତା ନିଆଯାଇଥିଲା। ରେଫରି ମିର୍ଜା ସିରାଜୁଦ୍ଦିନ ବେଗ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ କୁମାର ମିଶ୍ର ଓ ବୈକୁଣ୍ଠ ମହାପାତ୍ର ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଆଲୋକ ରଣା ଏବଂ ମ୍ୟାଚ କମିଶନର ଭାବେ ସଦାଶିବ ସାହୁ ଦାୟିତ୍ୱ ତୁଲାଇଥିଲେ। ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ ସାହୁ, ବୋଲଗଡ଼ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ବୋଲଗଡ଼ ବିଧାୟକ ରାଜେନ୍ଦ୍ର ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଭୁପ୍ରସାଦ ମିଶ୍ର, ରାଜ୍ୟସ୍ତରୀୟ ଫୁଟବଲ ରେଫରି ଗଣେଶ୍ୱର ମହାପାତ୍ର, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଗଣେଶ ବଜାର ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ଶନିବାର ବଜରଙ୍ଗବଲି କ୍ଲବ ଘାଟିକିଆ ଓ ସାନ କ୍ଲବ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ।



● କୁରାଢମଲ୍ଲ ପଞ୍ଚାୟତ ପ୍ରିମିୟମ ଲିଗ୍

# ପୁଷ୍ପା ଟାଇଗର ବିଜୟୀ




ଖୋର୍ଦ୍ଧା,୧୩।୨(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଢମଲ୍ଲ ପଞ୍ଚାୟତର ଦଳେଇପୁଟ ଖେଳ ପଡିଆରେ ପଞ୍ଚାୟତ ପ୍ରିମିୟମ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଆଜି ମାନସିଂହ ଟାଇଗର ଓ ପୁଷ୍ପା ଟାଇଗର ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ପୁଷ୍ପା ଟାଇଗର ବ୍ୟାଟିଂ କରି ୧୫ ଓଭରରେ ୯ ୱିକେଟ ବିନିମୟରେ ୧୨୭ରନ୍ କରିଥିଲେ। ଦଳ ପକ୍ଷରୁ ତୁଷାର ହରିଚନ୍ଦନ ୨୯ ବଲ୍‌ରୁ ୪୭ ରନ୍ କରିଥିଲେ। ଜବାବ୍‌ରେ ମାନସିଂହ ଟାଇଗର ୧୪ ଓଭରରେ ସମସ୍ତ ୱିକେଟ ହରାଇ ୧୦୮ ରନ୍ କରିଥିଲେ। ଦଳ ପକ୍ଷରୁ ଲକ୍ଷ୍ମୀ ନାରାୟଣ ଜେନା ୧୯ ବଲରୁ ୨୮ ରନ୍ କରିଥିଲେ। ଫଳରେ ପୁଷ୍ପା ଟାଇଗର ୧୯ ରନରେ ବିଜୟୀ ହୋଇଥିଲେ। ତୁଷାର ହରିଚନ୍ଦନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ଆକାଶ ପରିଡ଼ା ପରିଚାଳନା କରିଥିଲେ। ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟା ପୁଷ୍ପାଞ୍ଜଳି ଜଗଦ୍ଦେବ ଓ କୁରାଢମଲ୍ଲ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର, ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

## ମୁହଁରେ ନିଶା ସ୍ପ୍ରେ କରି ମହିଳାଙ୍କଠାରୁ ଲୁଟିନେଲେ ଅଳଙ୍କାର

ଜଟଣୀ,୧୩।୨(ସମିସ): ଜଟଣୀ ଥାନା ଅନ୍ତର୍ଗତ ଟ୍ରାଫିକ କଲୋନି ରେଳବାଇ କ୍ୱାର୍ଟର୍ସରୁ ଅଭିନବ ଉପାୟରେ ଜଣେ ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ୍ ହୋଇଛି। ଉଜାଲା ସାଇନିଂ ପାଉଡର୍ ବିକ୍ରି କରିବା ଉଦ୍ଦେଶ୍ୟରେ ମହିଳାଙ୍କ ମୁହଁକୁ ସ୍ପ୍ରେ ମାରି ଦୁଇ ଜଣ ଲୁଟେରା ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଟ୍ରାଫିକ କଲୋନିରେ ସି/୩୬ ନମ୍ବର କ୍ୱାର୍ଟର୍ସରେ ଖୋର୍ଦ୍ଧାରୋଡ୍ ରେଳବାଇରେ କାର୍ଯ୍ୟରତ ବି ଭି ଆପ୍ପାରାଓ ପରିବାର ସହ ରୁହନ୍ତି। ଆଜି ମଧ୍ୟାହ୍ନରେ ସମସ୍ତେ ଡ୍ୟୁଟି ଯାଇଥିବା ବେଳେ ଘରେ ନବ ବିବାହିତା ଝିଅ ବି. ପ୍ରତୀକ୍ଷା ଓ ତାଙ୍କ ଜେଜେ ମା' ଥିଲେ।

ପ୍ରତୀକ୍ଷା ଘର ଗେଟ୍ ନିକଟରେ ଛିଡ଼ା ହୋଇଥିବାବେଳେ ୨ ଜଣ ଯୁବକ ଏକ ବାଇକରେ ଆସି ଉଜାଲା ସାଇନିଂ ପାଉଡର୍ କିଣିବାକୁ ଅନୁରୋଧ କରିଥିଲେ। ସେ ମନା କରିବାରୁ ଦୁର୍ବୃତ୍ତମାନେ ହଠାତ୍ ତାଙ୍କ ମୁହଁକୁ ଏକ ସ୍ପ୍ରେ କରିଥିଲେ। ସେ ସଂଜ୍ଞାହୀନ ହୋଇପଡ଼ିବା ପରେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ମଙ୍ଗଳସୂତ୍ର ଓ ହାତରୁ ସୁନା ମୁଦି ଲୁଟି ନେଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ପାଟ୍ରୋଲିଂ ସହ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରାଯାଇଛି।

## ମହିଳାଙ୍କୁ ଅଶ୍ଳୀଳ ମେସେଜ୍ ସହ ହତ୍ୟା ଧମକ

ଟାଙ୍ଗୀ,୧୩।୨(ସମିସ): ଟାଙ୍ଗୀ ଥାନା ଅଧିନସ୍ଥ ସାନରାଉତପଡା କୁସୁମି ଅଞ୍ଚଳର ଜଣେ ବିବାହିତା ମହିଳା (୪୦ବର୍ଷ)ଙ୍କୁ ବିଭିନ୍ନ ମୋବାଇଲ୍‌ରୁ ଅଶ୍ଳୀଳ ଭଏସ ମେସେଜ ପରେ ହତ୍ୟା ଧମକ ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସଂଖ୍ୟାଲଘୁ ସଂପ୍ରଦାୟର ସମ୍ପୃକ୍ତ ମହିଳାଙ୍କୁ ବିଭିନ୍ନ ମୋବାଇଲରୁ ଅଶ୍ଳୀଳ ଭଏସ୍ ମେସେଜ ଆସିବା ପରେ ସେ ଉକ୍ତ ନମ୍ବରକୁ ଫୋନ୍ କରି ପଚାରିଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଓଲଟି ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ସେ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବାକୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିବାବେଳେ ସେଠାକୁ ଗଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କହିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ପୁଲିସ ଏହି ଅଭିଯୋଗକୁ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗ୍ରହଣ କରି ଏକ ମାମଲା ରୁଜୁ କରିଥିବା ଭାରପ୍ରାପ୍ତ ଆଇଆଇସି ସୂଚନା ଦେଇଛନ୍ତି।

## ଦେଶୀମଦ ସହ ବାଇକ ଜବତ, ୪ ଗିରଫ

ବେଗୁନିଆ,୧୩।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଓ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି। ଏଥିରେ ମୋଟ ୨୮୦ ଲିଟର ଦେଶୀମଦ, ୧୧ଶହ ଲିଟର ପୋଚ ଓ ଗୋଟିଏ ବାଇକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ରାଜେନ୍ଦ୍ର ମୁଦୁଲି, ଡିଙ୍ଗର ଗ୍ରାମର ବଳଭଦ୍ର ପାତ୍ର, ହେମନ୍ତ ପାତ୍ର ଓ ଜାଲଭାର ବାସନ୍ତୀ ପ୍ରଧାନ।

ବିକାଶନଗରରୁ ସେକ୍ସ ରାକେଟ ଠାବ ଘଟଣା

# ରାଣୀ ମହୁମାଛି ଓ ୩ ଗ୍ରାହକ ଗିରଫ

ଖୋର୍ଦ୍ଧା,୧୩।୨(ସମିସ)

ଗତକାଲି ବିକାଶନଗରରୁ ସେକ୍ସ ରାକେଟ ଠାବ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏଥିରେ ଜଡିତ ଥିବା ୩ ଦେହଜୀବୀଙ୍କୁ ସର୍ଟଷ୍ଟେ ହୋମ୍‌ରେ ପୁଲିସ ରଖିଛି। ଏହି ଘଟଣାରେ ପୁଲିସ ରାଣୀ ମହୁମାଛି ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡାର ମାମା ବାଘସିଂହ (୪୦)ଙ୍କୁ ଗିରଫ କରିଛି। ସେହିପରି ଉକ୍ତ କୋଠରୀରୁ ପୁଲିସ ୩ଜଣ ଗ୍ରାହକ ସଦରଥାନା ଅନ୍ତର୍ଗତ ଡାଳତୋଳାର ଲକ୍ଷ୍ମୀଧର ଖୁଣ୍ଟିଆ (୨୫), ବେଗୁନିଆ ଥାନା ଅଧିନ ପରିଛଳର ସୁନିଲ କୁମାର ମୁଦୁଲି ଓରଫ୍ ସିଲୁ (୨୫) ଓ ଭାଗିରଥୀ ପାଲଟାସିଂହ ଓରଫ୍ ଗତିକୃଷ୍ଣ ପାଲଟାସିଂହ (୫୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସ ସୂଚନା ମୁତାବକ, ବିକାଶନଗରର ଏହି ଭଡ଼ାଘର ଗଳିକନ୍ଦିରେ ରହିଛି। ଉକ୍ତ ଘରଟି ବ୍ରହ୍ମପୁର ଏସ୍‌ପି ଅଫିସ୍‌ରେ କାର୍ଯ୍ୟରତ ଚିତ୍ତରଞ୍ଜନ ସୁନ୍ଦରାୟଙ୍କର। ସେ ଏହି ଘରକୁ ଭାଲିଆବାଡ଼ି ଗ୍ରାମର ଅଜୟ ପ୍ରଧାନ ଓରଫ୍ ଅଜୁକୁ ଭଡ଼ା ଦେଇଥିଲେ। ସେ ତାଙ୍କ ଠାରୁ ଭଡାରେ ଆଣି ଏଠାରେ ମାମା ଓ ଅନ୍ୟଜଣେ ସ୍ତ୍ରୀ ଲୋକଙ୍କୁ ରଖିଥିଲା। ସେମାନଙ୍କ ଜରିଆରେ ସେ ଏଠାରେ ସେକ୍ସ ରାକେଟ ଚଳାଉଥିବା

■ ଭଡ଼ାଟିଆ ଅଜୁକୁ ଖୋଜୁଛି ପୁଲିସ
■ ଜିଲ୍ଲା ଓ ଜିଲ୍ଲା ବାହାରର ଯୁବତୀଙ୍କ ରହିଛି ସମ୍ପୃକ୍ତି

ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏଠାକୁ ଖୋର୍ଦ୍ଧା ଓ ଖୋର୍ଦ୍ଧା ବାହାରରୁ ଯୁବତୀଙ୍କୁ ଆଣି ମାମା ଓ ତାର ସହଯୋଗୀ ରାକେଟ ଚଳାଉଥିଲେ। ଧରା ହୋଇଥିବା ଯୁବତୀଙ୍କ ମଧ୍ୟରେ ଧର୍ମଶାଳା, ଇଟାମାଟି ଓ ଖୋର୍ଦ୍ଧା ଜଙ୍କିଆ ଅଞ୍ଚଳର ଜଣେ ରହିଥିବା ପୁଲିସ ଜାଣିବାକୁ ପାଇଛି। ତେବେ ମାମା ଓ ଗ୍ରାହକଙ୍କୁ ପୁଲିସ ଗିରଫ କରିବା ଖବର ପାଇ ଅଜୟ ଫେରାର ହୋଇଯାଇଛି। ପୁଲିସ ଉକ୍ତ ଭଡ଼ା ଘରକୁ ସିଲ କରିବା ସହ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ମୁଖ୍ୟ କାର୍ପଟଦାର ଅଜୟ ଓ ତାର ସହଯୋଗୀଙ୍କୁ ପୁଲିସ ଖବ୍‌ଶୀଘ୍ର ଗିରଫ କରିବ ବୋଲି ସୂଚନା ଦେଇଛି। ପ୍ରକାଶ ଥାଉକି, ଦୀର୍ଘଦିନ ହେବ ଖୋର୍ଦ୍ଧା ଲୋକେଶ୍ୱର ପଡିଆ ନିକଟ ବିକାଶନଗରର ଏକ ଭଡ଼ାଘରେ ଚାଲିଥିଲା ସେକ୍ସ ରାକେଟ। ଗତକାଲି ପୂର୍ବାହ୍ନରେ ଖବରପାଇ ସ୍ପେସାଲ ସ୍କ୍ୱାଡ୍ ଇନଚାର୍ଜ ଡିଏସ୍‌ପି ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ପୁଲିସ ବାରମ୍ବାର ଡାକିବା ସତ୍ତ୍ୱେ ଭିତରପଟୁ କେହି କବାଟ ନଖୋଲିବାରୁ ଶେଷରେ କବାଟ ଭାଙ୍ଗି ଭିତରେ ପଶି ଦେହଜୀବୀ ଓ ଗ୍ରାହକଙ୍କୁ ଅସଜ୍ଜିତ ଅବସ୍ଥାରେ ଉଦ୍ଧାର କରିଥିଲେ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମେଧାବୀ ଛାତ୍ରୀଙ୍କୁ ସାଇକଲ ବଣ୍ଟନ

ଖୋର୍ଦ୍ଧା,୧୩।୨(ସମିସ): ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଖୋର୍ଦ୍ଧା ମୁଖ୍ୟ ଶାଖା ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ୩ ଗୋଟି ବିଦ୍ୟାଳୟର ଗରିବ ମେଧାବୀ ଛାତ୍ରୀମାନଙ୍କୁ ୩୦ଟି ସାଇକଲ ବଂଟନ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜେନେରାଲ ମ୍ୟାନେଜର ଡ଼ ବନ୍ଦନା ଅଗ୍ରୱାଲ, ଡେପୁଟି ଜେନେରାଲ ମ୍ୟାନେଜର ଭୁବନେଶ୍ୱର ପ୍ରଶାନ୍ତ କୁମାର, ରିଜିଓନାଲ ମ୍ୟାନେଜର ଖୋର୍ଦ୍ଧା ଭଗତ୍ ବେହେରା, ମୁଖ୍ୟ ଶାଖା ପ୍ରବନ୍ଧକ ୟୁ ରାଜକୁମାର, ଉପଶାଖା ପ୍ରବନ୍ଧକ ମଳୟ କୁମାର ବେହେରା, ପ୍ରବନ୍ଧକ ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସାଇକଲ ବଂଟନ କରିଥିଲେ। ଖୋର୍ଦ୍ଧା ବ୍ଲକର ଖୋର୍ଦ୍ଧା ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ହଳଦିପଦା, ବାଲୁଙ୍କେଶ୍ୱର ଦେବ ହାଇସ୍କୁଲ, ଟିଂକୁଡିଆ ବିଦ୍ୟାଳୟକୁ ୧୦ଗୋଟି ଲେଖାଏଁ ୩୦ ଗୋଟି ସାଇକଲ ବଣ୍ଟନ କରାଯାଇଥିଲା। ସେହିପରି ସ୍ଥାନୀୟ ଗୀତା ଭବନ ପଡ଼ିଆରେ




ପରେ ଏକ ମେଗା ଋଣମେଳା ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ଯୋଜନା ରେ ୧୫ଜଣ ଗ୍ରାହକଙ୍କୁ ଋଣ ଅନୁମୋଦନ ପତ୍ର ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶାଖା ମୁଖ୍ୟ ପ୍ରବନ୍ଧକ ୟୁ ରାଜକୁମାର ପ୍ରକାଶ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ନିଉ ଥିଙ୍କିଂ ଫୋରମ୍‌ର ଦାବିପତ୍ର

## ଖୋରଧା ନୁହେଁ; ଖୋର୍ଦ୍ଧା ଓ ଖୋର୍ଧା ରଖିବାକୁ ଦାବି

ଖୋର୍ଦ୍ଧା,୧୩।୨(ସମିସ): ଇଂରାଜୀ ନାଁ କୁ ସଂଶୋଧନ କରିବାକୁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଣିକି ଓଡିଆ ନାଁ ଅନୁସାରେ ଇଂରାଜୀ ବନାନ କରାଯିବ। ଏହି କ୍ରମରେ ଖୋର୍ଦ୍ଧାର ନାଁକୁ ମଧ୍ୟ ସଂଶୋଧନ କରିବାକୁ ରହିଛି। ୧୫ଦିନ ଭିତରେ ଅଭିଯୋଗ କି ଆପତି ରହିଥିଲେ ଜଣାଇବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଖୋର୍ଦ୍ଧା ନାଁ ପରିବର୍ତ୍ତନକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ ସ୍ୱର ଉଠିଛି। ଏହି କ୍ରମରେ ଐତିହାସିକ ଖୋର୍ଦ୍ଧାର ନାମ ଖୋରଧା ନୁହେଁ ବରଂ 'ଖୋର୍ଦ୍ଧା' ଓ 'ଖୋର୍ଧା' ରଖାଯିବା ଦାବିରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ନିୟୁ ଥିଙ୍କିଂ ଫୋରମ୍ ପକ୍ଷରୁ ପ୍ରଦାନ କରାଯାଇଛି। ଫୋରମ୍‌ର ଏକ ପ୍ରତିନିଧି ଦଳ ସଭାପତି ତଥା ଆଇନଜିବୀ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଫୋରମ୍‌ର



ସଭାପତି ଶ୍ରୀ ପୃଷ୍ଟିଙ୍କ ସମେତ ସାମାଜିକ ଅନୁଷ୍ଠାନ ସମ୍ପର୍କର ସଭାପତି ଲଳିତ ସ୍ୱାଇଁ, ସମାଜସେବୀ ରଶ୍ମିତା ମହାରଣା, ଦିବାକର ଭୋଇ, ଲକ୍ଷ୍ମୀଧର ରାଉତ, ତ୍ରିଲୋଚନ ମହାରଣା, ବିକ୍ରମ ଚମ୍ପତି, ରମେଶ ପଟ୍ଟନାୟକ, ବଦ୍ରି ନାରାୟଣ ଦାଶଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

## ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ କଳସ ଶୋଭାଯାତ୍ରା

ବାଣପୁର,୧୩।୨(ସମିସ): ବାଣପୁରର ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଦୀର୍ଘ ୨୦ ବର୍ଷ ହେଲା ଆରାଧ୍ୟ ଠାକୁର ଶ୍ରୀ ରଙ୍କନାଥ ଦେବଙ୍କ ପୀଠ ପରିସରରେ ସାମୁହିକ ହନୁମାନ ଚାଳିଶା ପଠନ ଓ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ତିନି ଦିନ ଧରି ଶ୍ରୀ ରଙ୍କନାଥ ଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହେଉଅଛି। ଏହି ଅବସରରେ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ସଦସ୍ୟ ଏବଂ ସ୍ଥାନୀୟ ଶ୍ରଦ୍ଧାଳୁ ମାନେ ସାମିଲ ହୋଇ ସକାଳୁ ଶ୍ରୀରଙ୍କନାଥ ଦେବଙ୍କ ମନ୍ଦିର ପରିସରରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ନିକଟସ୍ଥ ଶ୍ରୀଦକ୍ଷପ୍ରଜାପତି ଦେବ ମନ୍ଦିର ନିକଟରେ ପହଞ୍ଚିଥିଲେ।

ମନ୍ଦିର ପୁଷ୍କରିଣୀରେ ପୂଜାର୍ଚ୍ଚନା ସମାପନ ପରେ ସମସ୍ତ ଶ୍ରଦ୍ଧାଳୁ କଳସରେ ଜଳ ଭରି ଶୋଭାଯାତ୍ରାରେ ଶ୍ରୀ ରଙ୍କନାଥ ଦେବଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ତିନି ଦିନ ଧରି ପ୍ରତ୍ୟେହ ସନ୍ଧ୍ୟା।ରେ ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରବକ୍ତା ଭାବେ କଥା ବାଚକ ଡଃ.ଆଶୁତୋଷ ମିଶ୍ର ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ରବିବାର ମହାଶିବରାତ୍ରି ଅବସରରେ କମିଟି ପକ୍ଷରୁ ସନ୍ଧ୍ୟାରେ ହରିପୁର ମଠ ମହନ୍ତ ଶ୍ରୀ ରାମ ମୋହନ ଦାସଜି ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୮ ଥର ସାମୂହିକ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଆୟୋଜନ ଲାଗି ସୁବନ୍ଦୋବସ୍ତ କରାଯାଇଛି। ଏହି ଅବସରରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହଯୋଗରେ ମନ୍ଦିର ପରିସରରେ ନବନିର୍ମିତ ପ୍ରବଚନ ମଣ୍ଡପକୁ ମନ୍ତ୍ରୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ସୋମବାର କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି।

## ରାମେଶ୍ୱରଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ ଓ ଶମ୍ଭୁମିଳନ



ବାଲୁଗାଁ,୧୩।୨(ସମିସ): ଚିଲିକା ବ୍ଲକ ଅର୍ନ୍ତଗତ ବାଲୁଗାଁ ନିକଟସ୍ଥ ବଡ଼କୁଳ ଓ ନିମିକ୍ଷେତା ପଞ୍ଚାୟତ ତଥା କାନ୍ଥମାଳ ଅଞ୍ଚଳର ପୁରାତନ ପ୍ରସିଦ୍ଧ ଶୈବପୀଠ ରାମେଶ୍ୱର ଦେବଙ୍କ ପୀଠରେ ବିଶ୍ୱର କଲ୍ୟାଣ ନିମନ୍ତେ ପ୍ରତିବର୍ଷ ପରି ଚଳିତବର୍ଷ କୁମ୍ଭ ସଂକ୍ରାନ୍ତି ଅବସରରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ତିନିଦିନ ଧରି ଚାଲିଥିବା କୁମ୍ଭ ସଂକ୍ରାନ୍ତି ତିଥି ଶୁକ୍ରବାର ଅପରାହ୍ନରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି।

ପୁରୀମୁକ୍ତି ମଣ୍ଡପର ସଭାପତି ପଣ୍ଡିତ ବିଶ୍ୱମ୍ବର ଦାଶ, ବ୍ରହ୍ମପୁରର ପଣ୍ଡିତ ହେମନ୍ତ ଦାଶ, ଆଚାର୍ଯ୍ୟ ପଣ୍ଡିତ କମଳକାନ୍ତ ଦାଶ ଓ ପଣ୍ଡିତ ସୁକାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଶ୍ରୀ ରାମେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ଜଗତେଶ୍ୱର ଦେବ, ଶ୍ରୀ ବାଙ୍କନିଧି ଦେବ, ଗାଦିଶ୍ୱର ଦେବ, ହରଗୌରୀ ଦେବ, ଚନ୍ଦ୍ରଶେଖର ଦେବ, ଦଧିବାମନ ଦେବ ଆଦି ଅଷ୍ଟ ଶମ୍ଭୁ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ସନ୍ଧ୍ୟାରେ ଆତସବାଜୀ ପ୍ରଦର୍ଶନ ହେବା ସହ ଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶମ୍ଭୁମିଳନ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ସ୍ଥଳେ ଆଇନ୍ ଶୃଙ୍ଖଳା ନିମନ୍ତେ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତଙ୍କ୍ ନେତୃତ୍ୱରେ ବ୍ୟପକ ପୋଲିସ ମୁତୟନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରସରରେ କମିଟି ତରଫରୁ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ଏହାକୁ ଅଷ୍ଟଶମ୍ଭୁ ମିଳନ କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଶୃଙ୍ଖଳା ସହ ପରି.ଳନା କରିଥିଲେ।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ମେଳା




ନିରାକାରପୁର,୧୩।୨(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଛଣଗିରି ମେଲଣ ପଡ଼ିଆରେ ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ କ୍ରେଡିଟ ଓ ଏନ୍‌ପିଏ ମୁଖ୍ୟ ପ୍ରବନ୍ଧକ ରାଜ କିଶୋର ସେଠୀ, ଛଣଗିରି ଷ୍ଟେଟ ବ୍ୟାଙ୍କ ପରିଚାଳକ ସାର୍ଥକ ସାମନ୍ତରାୟ ଓ ବିପିସି ରଶ୍ମିତା ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇ ଋଣ ଗ୍ରହୀତା ନିଜେ ନିଜ ଗୋଡ଼ରେ ଛିଡ଼ା ହୋଇ ସମାଜରେ ନିଜର ସ୍ଥିତିକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଏହି ଋଣ ଅର୍ଥକୁ ସଠିକ୍ ବିନିଯୋଗ କରିବାକୁ ପରାମର୍ଶ ଦେବା ସହିତ ଋଣ ଅର୍ଥର ବିନିଯୋଗ ଓ ଆଦାୟ ସମ୍ପର୍କରେ ଉପସ୍ଥିତ ଋଣ ଗ୍ରହୀତାଙ୍କୁ ବୁଝାଇଥିଲେ।

କାର୍ଯ୍ୟକ୍ରମରେ ଏସବିଆଇ ଶାଖା ଅଧିନସ୍ଥ ଟାଙ୍ଗୀ ବ୍ଲକର ୨୦ଟି ଓ ବେଗୁନିଆ ବ୍ଲକର ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ସମୁଦାୟ ୬୦ଟି ବିଭିନ୍ନ ଋଣ ବାବଦକୁ ୩ କୋଟି ୭୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି।

## ପଞ୍ଚାୟତ ସମିତି ସାଧାରଣ ଅଧିବେଶନ




ବେଗୁନିଆ,୧୩।୨(ସମିସ): ବେଗୁନିଆ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବିଡ଼ିଓ ସନ୍ତୋଷ କୁମାର ଜେନା, ଏବିଡ଼ିଓ କଳ୍ପନା ଶାସମଲ, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ପ୍ରକାଶ ଚନ୍ଦ୍ର ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି ସରପଞ୍ଚ/ସମିତିସଭ୍ୟଙ୍କ ଅଭିଯୋଗ ଶୁଣିଥିଲେ। କନିଷ୍ଠ ଯନ୍ତ୍ରୀମାନେ ବିଭିନ୍ନ ବିଲ୍ ପ୍ରଦାନରେ ବିଳମ୍ବ କରୁଥିବା ସରପଞ୍ଚ ଲାବଣ୍ୟ ଜୟସିଂହ ଓ ଆରତ ମାଝୀ କହିବାରୁ ତୁରନ୍ତ ବିଲ ପ୍ରଦାନ ପାଇଁ ବିଧାୟକ ତାଗିଦ୍ କରିଥିଲେ। ଏପରିକି ସରପଞ୍ଚ ଲତା ସେଠୀ ଓ ସମିତି ସଭ୍ୟ ଅଲେଖ ବେହେରା ଏକ କାର୍ଯ୍ୟର ଦୀର୍ଘଦିନ ଧରି ବିଲ ପାଇ ନଥିବା ବେଳେ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଥିବା କହିଛନ୍ତି। ସେହିପରି ହିରାପୁର ପଞ୍ଚାୟତର ବିନୋଦ ସାହୁଙ୍କ କିଶୋରୀ ଝିଅ ସୋନାଲି ଦୀର୍ଘ ୫ ମାସ ଧରି ଅଙ୍ଗନବାଡି କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ସରକାର ଦେଉଥିବା ମୁଢ଼ି ଏକ ପ୍ୟାକେଟ, ଦେଢ଼ କେଜି ବୋଟ ଓ ୧୬ଟି ଅଣ୍ଡା ମିଳୁ ନଥିବାରୁ କହିଥିଲେ। ସମସ୍ୟା ସରପଞ୍ଚ ଆରତ ମାଝୀ ଉପସ୍ଥାପନ କରୁଥିବା ବେଳେ ଉତ୍ତର ନ ଦେଇ ସିଡିପିଓ ବିନୋଦିନୀ ପଣ୍ଡା ତରବର ହୋଇ ପଳାଇବାକୁ ଉଦ୍ୟତ ହୁଅନ୍ତେ ସମସ୍ତ ସଦସ୍ୟ ବିରୋଧ କରିବାରୁ ନିବୃତ ରହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ବ୍ଲକ ଅଧିକାରୀ ଯୋଗ ଦେଇଥିବ ବେଳେ ବିକଶିତ ଭାରତ ଜୀ-ରାମଜୀ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

● ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ବାର୍ଷିକ ମହୋତ୍ସବ 'ଗଜଜ୍ୟୋତି-୨୦୨୬'

# ସୁଦେଶ ଭୋସ୍‌ଲେଙ୍କ ଗୀତରେ ଝୁମିଲେ ଛାତ୍ରଛାତ୍ରୀ

ଜଟଣୀ,୧୩।୨(ସମିସ)

ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଜଟଣୀ କ୍ୟାମ୍ପସଠାରେ ତିନି ଦିନିଆ ୧୫ତମ ବାର୍ଷିକ ବୈଷୟିକ, ବିଜ୍ଞାନ, ପରିଚାଳନା ଓ ସାଂସ୍କୃତିକ ମହୋତ୍ସବ 'ଗଜଜ୍ୟୋତି-୨୦୨୬' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ସାରା ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ହଜାର ହଜାର ଛାତ୍ରଛାତ୍ରୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ବିଭାଗର ଡିନ୍ ଡଃ ସଙ୍ଗ୍ରାମ କେଶରୀ ସ୍ୱାଇଁ କହିଛନ୍ତି ଯେ, ଗଜଜ୍ୟୋତି ହେଉଛି ଏକ ଅନ୍ତର୍ଜାତୀୟସ୍ତରର ମଞ୍ଚ ଯାହା ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରଖି ବୈଷୟିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଦକ୍ଷ କରିବାରେ ସାହାଯ୍ୟ କରେ। ପ୍ରଥମ ଦିନରେ ବିଭିନ୍ନ



ସ୍କୁଲ ଓ କଲେଜରୁ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। 'ମେଗା ସେଞ୍ଚୁରିଅନ୍ ଏକ୍ସପୋ', ଖାଦ୍ୟ ମହୋତ୍ସବ, ଓପନ୍ ମାଇକ୍ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟକୁ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ୍ସପ୍ଲୋରା-୨୦୨୬ ଅବସରରେ ୧୦୦ରୁ ଅଧିକ ବୈଷୟିକ ଓ ବୃତ୍ତିଗତ ପ୍ରତିଯୋଗିତା ଯଥା: କୋଡିଂ କୁଇଜ୍, ହ୍ୟାକାଥନ୍, ୱେଲଡିଂ, ଗ୍ରାଫିକ୍ସ ଡିଜାଇନ୍, ହେଲ୍‌ଥ କେୟାର, ଅଟୋ-ଟେକ୍ ଏବଂ ଟ୍ରେଜର ହଣ୍ଟ ଆଦି ଆୟୋଜନ କରାଯାଇଥିଲା। ସାହିତ୍ୟ ଓ କଳାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିଏଟିଭ୍ ରାଇଟିଂ, କାହାଣୀ କହିବା ଏବଂ ଓରିଗାମି ଭଳି ପ୍ରତିଯୋଗିତା ମାଧ୍ୟମରେ ସୃଜନଶୀଳତାର ପରିପ୍ରକାଶ ଘଟିଥିଲା। ଏହି ଅବସରରେ ଷ୍ଟାର୍ ନାଇଟ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉତ୍ସବର ଶେଷ ସନ୍ଧ୍ୟାରେ ବିଶିଷ୍ଟ ଭାରତୀୟ କଣ୍ଠଶିଳ୍ପୀ ସୁଦେଶ ଭୋସଲେଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ବିଭୋର କରିଥିଲା। ଏହା ସହିତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ଦ୍ୱାରା ଆୟୋଜିତ ଫ୍ୟାଶନ ଶୋ' ଏବଂ ନୃତ୍ୟ କାର୍ଯ୍ୟକ୍ରମ ମହୋତ୍ସବର ଶୋଭା ବଢ଼ାଇଥିଲା। ଡ. ସଂଗ୍ରାମ କେଶରୀ ସ୍ୱାଇଁ ଏବଂ ତାଙ୍କ ଟିମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହୋଇଥିଲା।

